

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୯ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 AUGUST 2023

Vol.No. 35 ■ No. 228 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



## ମୌସୁମୀ ଦୁର୍ବଳ: ୩ ଦିନ ବର୍ଷା ନାହିଁ

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ଓଡ଼ିଶାରେ ମୌସୁମୀ ଦୁର୍ବଳ ରହିଥିବାରୁ ଆଗାମୀ ୩ ଦିନ ଧରି ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ୩୧ ତାରିଖରେ ରାଜ୍ୟରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ସହ ବଜ୍ରପାତ ହୋଇପାରେ। ସେହିପରି ସେପଟ୍ଟେମ୍ବର ୧ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପାଗର ପରିବର୍ତ୍ତନ ହେବ। କିଛି ଜିଲ୍ଲାରେ ଭଲ ବର୍ଷାର ଆଶା ଥିବା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ଦୁର୍ବଳ ମୌସୁମୀ ଯୋଗୁ ଗତ ୨୪ ଘଣ୍ଟା ଭିତରେ ରାଜ୍ୟର କିଛି ଜିଲ୍ଲାରେ କେତେକ ସ୍ଥାନରେ ଅଳ୍ପ ବର୍ଷା ହୋଇଛି। ତେବେ ସର୍ବାଧିକ ବର୍ଷା ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟିରେ ହୋଇଛି। ସେଠାରେ ୨୨.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କୋରାପୁଟ ଜିଲ୍ଲା ଜୟପୁରରେ ୧୮.୬ ମିଲିମିଟର, ଲମତାପୁଟରେ ୧୮.୪ ମିଲିମିଟର, ମାଲକାନଗିରି ଜିଲ୍ଲା ମାଥିଲିରେ ୧୮.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ସେପ୍ଟେମ୍ବର ୨ରେ ମିଶନ ସୂର୍ଯ୍ୟ

## ଦିନ ୧୧ଟା ୫୦ରେ ଶ୍ରୀହରିକୋଟାରୁ ଲଞ୍ଚ ହେବ ଆଦିତ୍ୟ ଏଲ-୧





ନୂଆଦିଲ୍ଲୀ,୨୮/୦୮ : ଚନ୍ଦ୍ରକୁ ଛୁଇଁବା ପରେ ଇସ୍ରୋ ଫୋକସରେ ସୂର୍ଯ୍ୟ। ଶନିବାର ଭାରତର ସୂର୍ଯ୍ୟ ଅଭିଯାନ-ଆଦିତ୍ୟ ଏଲ-୧ ଆରମ୍ଭ ହେବ। ଶନିବାର ଦିନ ୧୧.୫୦ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାରୁ ଚଂଖଠ ଉ-୫୭ ଯୋଗେ ଉତକ୍ଷେପଣ ହେବ ଆଦିତ୍ୟ ଏଲ-୧। ଏହା ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରକୁ ଯିବ। ଅର୍ଥାତ୍ ଚନ୍ଦ୍ରଯାନ-୩ ଯେତିକି ଦୂରକୁ ଯାଇଛି, ତା'ଠାରୁ ପ୍ରାୟ ୪ ଗୁଣ ଅଧିକ ବାଟ ଯିବ ଆଦିତ୍ୟ ଏଲ-୧। ସକଳ ଶକ୍ତିର ଆଧାର ସୂର୍ଯ୍ୟ ହେଉଛି ପୃଥିବୀର ସବୁଠୁ ନିକଟତମ ନକ୍ଷତ୍ର। ତେଣୁ ସୂର୍ଯ୍ୟ ଉପରେ ଗବେଷଣାକୁ ଇସ୍ରୋ ଲକ୍ଷ୍ୟ ରଖିଛି। ଚନ୍ଦ୍ରଯାନ-୩ର ସଫଳତା ପରେ ଇସ୍ରୋ ଏବେ ବେଶ ଉତ୍ସାହିତ ହୋଇପଡ଼ିଛି। ବିଶ୍ୱର କୌଣସି ବୈଜ୍ଞାନିକ ଯାହା କରି ପାରି ନଥିଲା, ସେକଥା ଏସ ସୋମନାଥଙ୍କ ଟିମ କରି ଦେଖାଇଛି। ଚନ୍ଦ୍ରଯାନ-୩ ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ସକ୍ଷମ ହୋଇଛନ୍ତି। ଏହି ସଫଳତା ପରେ ଇସ୍ରୋ ପକ୍ଷରୁ ଆସନ୍ତା ଶନିବାର ସୂର୍ଯ୍ୟ ଉପରେ ଗବେଷଣା ପ୍ରଥମ ସ୍ପେସ୍ ଅବଜର୍ଭେଟୋରି ପଠାଯିବ। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଚଂଖଠ ଉ-୫୭ ରକେଟ୍ ସହାୟତାରେ ଉତକ୍ଷେପଣ ହେବ ଆଦିତ୍ୟ ଏଲ-୧। ଏହା ପୃଥିବୀଠୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଆର୍ଥ-ସନ୍ ସିଷ୍ଟମର ପ୍ରଥମ ଲଗରାଞ୍ଜିଆନ୍ ପଏଣ୍ଟ୍ ବା ଏଲ-୧ର ଏକ ହାଲୋ ଅର୍ବିଟରେ ଅବସ୍ଥାପିତ ହେବ। ସେଠାକୁ ଯିବା ପାଇଁ ପ୍ରାୟ ୪ ମାସ ସମୟ ଲାଗିବ। ଏହାର ଅର୍ଥ ୨୦୨୩ ଶେଷ ସପ୍ତାହ କିମ୍ବା ୨୦୨୪ ପ୍ରଥମ ସପ୍ତାହରେ ଆଦିତ୍ୟ ଏଲ-୧ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ। ପୃଥିବୀଠୁ ସୂର୍ଯ୍ୟ ପ୍ରାୟ ୧୫ କୋଟି କିଲୋମିଟର ଦୂରରେ ଥିବା ବେଳେ ଏହାର ଶହେ ଭାଗରୁ ୧ ଭାଗ ଦୂରତା ଅତିକ୍ରମ କରିବ ଆଦିତ୍ୟ ଏଲ -୧। ଲାଗରେଞ୍ଜିଆନ୍ ପଏଣ୍ଟ-୧ ବା ଏଲ-୧ ପୃଥିବୀଠୁ ୧୫ ଲକ୍ଷ କିଲୋମିଟର ଦୂରରେ ରହିଛି। ଏହି ସ୍ଥାନରେ ପୃଥିବୀ ଓ ସୂର୍ଯ୍ୟର ଚୁମ୍ବକୀୟ ଶକ୍ତି ପ୍ରାୟ ସମାନ। ତେଣୁ ସେଠାରେ କୌଣସି ବସ୍ତୁ ଅବସ୍ଥାପିତ ହେଲେ, ତାହା ସେହି ସ୍ଥାନରେ ହିଁ କାର୍ଯ୍ୟକ୍ଷମ ହେବ। ସେଠାରେ କୌଣସି ପରାଗ ବା ଗ୍ରହଣର ପ୍ରଭାବ ପଡୁନଥିବାରୁ ନିରବଚ୍ଛିନ୍ନ ଭାବେ ସୂର୍ଯ୍ୟ ଉପରେ ଗବେଷଣା ଜାରି ରହିବ। ଏଥିରେ ମୋଟ ୭ଟି ପେ'ଲୋଡ୍ ବା ଯନ୍ତ୍ର ଥିବା ବେଳେ ସେଥିରୁ ୪ଟି ସିଧାସଳଖ ସୂର୍ଯ୍ୟ ଆଡ଼କୁ ରହିବ। ସୂର୍ଯ୍ୟର ବିଭିନ୍ନ ସ୍ତର, ଚୁମ୍ବକୀୟ କ୍ଷେତ୍ର ଓ ସେଠାରୁ ପୃଥିବୀ ଆଡ଼କୁ ଆସୁଥିବା ଚାର୍ଜ କଣିକା ଗୁଡ଼ିକ ସଂପର୍କରେ ତଥ୍ୟ ସଂଗ୍ରହ କରିବା ଏହି ମିଶନର ଲକ୍ଷ୍ୟ। ଏଥିପାଇଁ ପ୍ରାୟ ୪ଶହ କୋଟି ଟଙ୍କା ଖର୍ଚ୍ଚ ହେବ।

## କଂଗ୍ରେସରେ ଯୋଗ ଦେବେ ହକି ତାରକା ପ୍ରବୋଧ ତିର୍କୀ



ଭୁବନେଶ୍ୱର, ୨୮/୦୮ (ନି.ପ୍ର): କଂଗ୍ରେସରେ ଯୋଗ ଦେବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ। ସେ ନିଜେ ଏହି ସୂଚନା ଦେଇଛନ୍ତି। ପ୍ରବୋଧ କହିଛନ୍ତି, ରାହୁଲ ଗାନ୍ଧିଙ୍କ ନେତୃତ୍ୱ ମୋତେ ଆକର୍ଷିତ କରିଛି। ସେଥିପାଇଁ ମୁଁ କଂଗ୍ରେସରେ ଯୋଗ ଦେବି ବୋଲି ସ୍ଥିର କରିଛି। ଆଜି ମୁଁ ଭୁବନେଶ୍ୱର ଯିବି। ଆସନ୍ତାକାଲି ପିସିସି ସଭାପତିଙ୍କୁ ଭେଟିବି। ତାଙ୍କ ପରାମର୍ଶକ୍ରମେ ଆଗାମୀ କାର୍ଯ୍ୟକ୍ରମ ସ୍ଥିର ହେବ। ଆସନ୍ତା ନିର୍ବାଚନରେ ପ୍ରବୋଧ ସୁନ୍ଦରଗଡ଼ ଜିଲ୍ଲା ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ପ୍ରାର୍ଥୀ ହେବା ପାଇଁ ଇଚ୍ଛା ରଖିଛନ୍ତି। ପ୍ରବୋଧ କହିଛନ୍ତି, ତଳସରା ଅଞ୍ଚଳର ସମସ୍ୟା ସଂପର୍କରେ ମୁଁ ଭଲ ଭାବେ ଅବଗତ ଅଛି। ▶▶ପୃଷ୍ଠା ୭

## ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୩ ହଜାର ଟପିଲା



ଭୁବନେଶ୍ୱର, ୨୮/୦୮ (ନି.ପ୍ର): ରାଜ୍ୟରେ ୩ ହଜାର ଟପିଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଅଗଷ୍ଟ ୨୭ (ଗତକାଲି) ସୁଦ୍ଧା ରାଜ୍ୟରେ ମୋଟ ୪୬,୪୯୧ ଜଣଙ୍କର ଡେଙ୍ଗୁ ଟେଷ୍ଟ ହୋଇଥିଲା। ସେଥିମଧ୍ୟରୁ ୩୦୯୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ୧୪୦୯ ଜଣ କେବଳ ଖୋର୍ଦ୍ଧା ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀରୁ ୩୨୪ ଜଣ, କଟକରୁ ୨୭୮, ବାଲେଶ୍ୱରରୁ ୨୭୭, ଜଗତସିଂହପୁରରୁ ୧୭୩ ଓ ନୟାଗଡ଼ରୁ ୧୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ହଟସ୍ପଟ ପାଲଟିଛି ଭୁବନେଶ୍ୱର। ▶▶ପୃଷ୍ଠା ୭

# ବିଶ୍ୱ ଆଥଲେଟ ଚମ୍ପିୟନସିପରେ ଚମକିଲେ ନୀରଜ ଚୋପ୍ରା



ନୂଆଦିଲ୍ଲୀ,୨୮/୦୮ : ବିଶ୍ୱ ଆଥଲେଟ ଚମ୍ପିୟନସିପରେ ଚମକିଲେ ନୀରଜ । ଭାରତ ପାଇଁ ଜିତିଲେ ସ୍ୱର୍ଣ୍ଣ ପଦକ । ଦୀର୍ଘ ୪୦ ବର୍ଷ ପରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ନୀରଜ ଚୋପ୍ରା । ଏଥିସହ ସମସ୍ତ ବିଶ୍ୱସ୍ତରୀୟ ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ହୋଇଛନ୍ତି ପ୍ରଥମ ଭାରତୀୟ । ବୁଦାପେଷ୍ଟରେ ରବିବାର ହୋଇଥିବା ପୁରୁଷ ଜାଭଲିନ୍ ଫାଇନାଲ୍‌ରେ ନୀରଜ ଫାଉଲ୍‌ରୁ ଆରମ୍ଭ କରିଥିଲେ ହେଁ ଦ୍ୱିତୀୟ ପ୍ରୟାସରୁ ସ୍ୱର୍ଣ୍ଣ ପାଇଁ ଦାବିଦାର ରହିଥିଲେ। ଦ୍ୱିତୀୟ ପ୍ରୟାସରେ ୮୮.୧୭ ମିଟର ଜାଭଲିନ୍ ଫିଙ୍ଗି ସେ ଏହି ସଫଳତା ପାଇଥିଲେ । ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନର ଅର୍ଶଦ ନଦୀମ ରତୁର ଶ୍ରେଷ୍ଠ ପ୍ରଦର୍ଶନ ସହ ୮୭.୮୨ ମିଟରରେ ରୌପ୍ୟ ଏବଂ ଚେକ୍ ରିପବ୍ଲିକ୍‌ର ଜାକବ ଭାଦଲେଜକ ୮୬.୬୭ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି । ଏଥିସହ ନୀରଜଙ୍କ ସୋ-କେସ୍‌ରେ ବିଶ୍ୱ ଚାମ୍ପିଅନ୍‌ସିପ୍ ▶▶ପୃଷ୍ଠା ୭

## କିଶୋର ଜେନାଙ୍କ ପାଇଁ ପୁରସ୍କାର ଘୋଷଣା: ମିଳିବ ୨୫ ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ କରିଥିବା ଜାଭଲିନ ଥ୍ରୋୟର କିଶୋର ଜେନାଙ୍କୁ ପୁରସ୍କାର ସ୍ୱରୂପ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି। ରାଜ୍ୟର ପ୍ରଥମ ବ୍ୟକ୍ତି



ଭାବେ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପରେ ଭାଗ ନେଇଥିଲେ କିଶୋର ଜେନା। ସେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଗତକାଲି ଅନୁଷ୍ଠିତ ହୋଇଥିଲା ଫାଇନାଲ। ପଦକ ଜିତି ପାରି ନଥିଲେ ମଧ ସେ ନିରାଶ କରି ନଥିଲେ। ତାଙ୍କ ପ୍ରଦର୍ଶନ ବେଶ୍ ଭଲ ଥିଲା। ସେ ୮୪.୭୭ ମିଟର ଜାଭଲିନ ପିଙ୍ଗି ପଞ୍ଚମ ସ୍ଥାନରେ ରହିଥିଲେ। ଏହା କିଶୋର ଜେନାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ବୁଦାପେଷ୍ଟରେ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପରେ କିଶୋର ଜେନାଙ୍କ ଉଲ୍ଲେଖନୀୟ ଯାତ୍ରା ଓ ▶▶ପୃଷ୍ଠା ୭

## ମଦ ପିଇ ସ୍କୁଲ ଆସିଥିଲେ ଶିକ୍ଷକ: ଚାକିରିରୁ ନିଲମ୍ବିତ ହେଲେ

ବଲାଙ୍ଗୀର, ୨୮/୦୮ (ନି.ପ୍ର): ମଦ ପିଇ ସ୍କୁଲ ଆସିଥିଲେ ସାର। ଗାଁ ଲୋକେ ଜାଣିପାରି ହଲ୍ଲାପଟା କରିବା ସହିତ ସ୍କୁଲରେ ତାଲା ପକାଇ ଦେଇଥିଲେ। ଶେଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ପ୍ରଶାସନ। ସାରଙ୍କୁ ଚାକିରିରୁ ନିଲମ୍ବିତ କରିଛି। ଆଜି ଏପରି ଖବର ଆସିଛି ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଅଞ୍ଚଳରୁ। ମୁରିବାହାଲ ବ୍ଲକ୍ ଡଙ୍ଗରପଡା ପଞ୍ଚାୟତ ଦନ୍ଦରା ଗାଁରେ ରହିଛି ପ୍ରାଥମିକ ବିଦ୍ୟାଳୟ। ଏଠାରେ ଜୀବନ୍ୟାସ ମାଝୀ ଓ ଅଶୋକ ଦୀପ ଶିକ୍ଷକତା କରୁଛନ୍ତି। ଅଭିଯୋଗ ଅନୁସାରେ ଗତ ଶନିବାର ଜୀବନ୍ୟାସ ମାଝୀ ମଦ ପିଇ ସ୍କୁଲ ଆସିଥିଲେ। ମଦ ନିଶାରେ ସେ ପିଲାମାନଙ୍କୁ ଗାଳି ଗୁଲଜ କରିବା ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ▶▶ପୃଷ୍ଠା ୭


# ପଦ୍ମଶ୍ରୀ ଡକ୍ଟର ଜୟନ୍ତ ମହାପାତ୍ରଙ୍କ ଶେଷକୃତ୍ୟ ସଂପନ୍ନ

## ଖାନନଗର ଶ୍ମଶାନରେ ହେଲା ଅନ୍ତିମ ସଂସ୍କାର



କଟକ, ୨୮/୦୮ (ନି.ପ୍ର): ପ୍ରଖ୍ୟାତ ସାହିତ୍ୟିକ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଡକ୍ଟର ଜୟନ୍ତ ମହାପାତ୍ରଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। କଟକର ଖାନନଗର ଶ୍ମଶାନରେ କାଠ ଚୁଲାରେ ତାଙ୍କର ସତ୍କାର କରାଯାଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଡକ୍ଟର ଜୟନ୍ତ ମହାପାତ୍ରଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ। ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶେଷକୃତ୍ୟ ସମୟରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ▶▶ପୃଷ୍ଠା ୭

# ମାନ୍ୟବର ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ନ ହୋଇ ରାଜଧର୍ମ ପାଳନ କରନ୍ତୁ: ଅପରାଜିତା



ଭୁବନେଶ୍ୱର, ୨୮/୦୮ (ନି.ପ୍ର): 'ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ହେଲେ ଚଳିବନି। ମୁଖ୍ୟମନ୍ତ୍ରୀଙ୍କୁ ରାଜଧର୍ମ ପାଳନ କରିବାକୁ ହେବ। ଆମେ ସମସ୍ତେ ତାଙ୍କ ପାଖରୁ ଏହା ଆଶା କରୁଛୁ।' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏହି କଥା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ନିଜ ସଂସଦୀୟ କ୍ଷେତ୍ର ଗସ୍ତବେଳେ ଗିରିଙ୍ଗ ଛକରେ ଗତକାଲି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ କରିଥିଲେ ମିଶନ ଶକ୍ତିର ମହିଳା ଓ ବିଜେଡି କର୍ମୀ। ବିଜେଡି କର୍ମୀ ମାନେ କଳା ପତାକା ପଦର୍ଶନ କରିବା ସହ ମିଶନଶକ୍ତି ମହିଳାମାନେ ଟେକା ଓ ପଥର ଧରି ତାଙ୍କୁ ବିରୋଧ କରିଥିଲେ। ତାଙ୍କ ଗାଡ଼ି ଛାଡ଼ି ନଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋଶାଲ ମିଡିଆରେ ଟାର୍ଗେଟ୍ କରିଛନ୍ତି ଅପରାଜିତା ଓ ପଚାରିଛନ୍ତି ଅନେକ ପ୍ରଶ୍ନ। ସେ ତାଙ୍କ ଢ ଆକାଉଣ୍ଟ ( ପୂର୍ବର ଟ୍ୱିଟ୍‌ର)ରେ ଲେଖିଛନ୍ତି, ସଶକ୍ତୀକରଣ ନାଁରେ ମିଶନଶକ୍ତି ମହିଳାଙ୍କୁ ଆକ୍ରମଣ କାର୍ଯ୍ୟରେ ଲଗାଯାଉଛି। ମୁଁ ଜଣେ ନିର୍ବାଚିତ ମହିଳା ସାଂସଦ। ମୋ ଉପରେ ଆକ୍ରମଣ ଉଦ୍ୟମ ହେଉଛି। ଏହା କ'ଣ ପ୍ରକୃତ ମିଶନ ଶକ୍ତି କି? ମାନ୍ୟବର ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ନ ହୋଇ ରାଜଧର୍ମ ପାଳନ କରନ୍ତୁ। ସେମାନଙ୍କୁ ଏହି ବିଷୟରେ ପଚାରି ବୁଝିବା କଥା। ମିଶନ ଶକ୍ତି ମହିଳା ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିଜେଡି ପକ୍ଷରୁ ଜାଣିଶୁଣି ଏଭଳି ବିରୋଧ ସହ ଅଣ୍ଡା,ଟେକା ଓ ପଥର ମାଡ଼ କରାଯିବା କେତେ ଯୁକ୍ତିଯୁକ୍ତ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ଗତକାଲିର ଘଟଣା ସଂପର୍କରେ ସେ ଫଟୋ ସମ୍ବଳିତ ପ୍ରମାଣପତ୍ର ସହ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଟେକା, ପଥର, ଅଣ୍ଡା ଓ କଳା ପତାକା ଧରିଥିବା ମହିଳାଙ୍କ ଫଟୋ ସେ ପୋଷ୍ଟ କରିଛନ୍ତି। ଅପରାଜିତା ଆହୁରି କହିଛନ୍ତି, ମୁଁ ସକାଳୁ ୭ଟାରୁ ରାତି ୧୨ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛି ଓ ଲୋକଙ୍କୁ ଭେଟୁଛି। ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ମୋତେ ସୁରକ୍ଷା ଦିଆଯାଇଥାନ୍ତା, ତାହାହେଲେ ଏପରି ହୋଇ ନଥା'ନ୍ତା। ମୁଁ ମହିଳା ଭାବେ ସୁରକ୍ଷିତ ନୁହେଁ ବୋଲି ଅପରାଜିତା କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଅଠାନ୍ତର ପଞ୍ଚାୟତ ଗିରିଙ୍ଗ ଛକରେ ବୁଥ୍ ବୈଠକ ଥିଲା। ଅପରାଜିତା ଏହି ବୈଠକରେ ଯୋଗ ଦେବାକୁ ଯାଇଥିଲେ। ସେହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ବିଜେଡି କର୍ମୀ ଓ ମିଶନ ଶକ୍ତିର ମହିଳା ତାଙ୍କୁ ବିରୋଧ କରିଥିଲେ। ମିଶନ ଶକ୍ତିର ମହିଳା ଅଣ୍ଡା, ପଥର ମାଡ଼ କରିବା ସହ କଳା ପତାକା ପତାକା ପ୍ରଦର୍ଶନ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାଜିତାଙ୍କ ସପକ୍ଷରେ ଥିବା ଗୋଷ୍ଠୀ ଓ ବିଜେଡି କର୍ମୀ ଆମ୍ନାସାମ୍ନି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଠେଲାପେଲା ମଧ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ପରେ ଅପରାଜିତା ବୈଠକକୁ ଯାଇଥିଲେ।

## ୨୦୨୪ ପାଇଁ ବିଜେପିର ମାଷ୍ଟରପ୍ଲାନ



ନୂଆଦିଲ୍ଲୀ, ୨୮/୦୮ (ନି.ପ୍ର): ୨୦୨୪ ନିର୍ବାଚନ ପାଇଁ ବିଜେପି ତାର ରଣନୀତି ତିଆରି ଆରମ୍ଭ କରିଛି। ଯେଉଁଥିରେ ଯୁବ ବର୍ଗଙ୍କୁ ପ୍ରାଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛି ଦଳ । ସୂଚନା ଅନୁସାରେ ଦୁଇ ଥର ଲୋକସଭା ନିର୍ବାଚନ ଲଢିଥିବା ଚେହେରାଙ୍କୁ ସଂଗଠନ ଦାୟିତ୍ୱ ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ବିଚାର କରୁଛି ଦଳ । ସେହିଭଳି ସାମାଜିକ, ଅର୍ଥନୈତିକ ଓ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟସଭା ପଠାଇବାକୁ ଚିନ୍ତା କରୁଛି ବିଜେପି । ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ନୂଆ ଫର୍ମୁଲା ଉପରେ କାମ କରୁଛି । ▶▶ପୃଷ୍ଠା ୭

# ସପ୍ତକ ଫାଉଣ୍ଡେସନ୍‌ର ସାରସ୍ୱତ ସମାରୋହ

ଭୁବନେଶ୍ୱର, ୨୮/୦୮ (ନି.ପ୍ର):ସ୍ଥାନୀୟ ଜୟଦେବ ଭବନଠାରେ ରବିବାର ସପ୍ତକ ଫାଉଣ୍ଡେସନ୍ ର ସାରସ୍ୱତ ସମାରୋହ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପ୍ରଶାସକ ତଥା ସାହିତ୍ୟିକ ନିରଞ୍ଜନ ସାହୁ, ଅଧ୍ୟାପକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ସୁନାମଣି ରାଉତ ଏବଂ କୃତୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବହିର ବିକଳ୍ପ ନାହିଁ। ପୁସ୍ତକ ପଠନ ଦ୍ୱାରା ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରି ନିଜକୁ ବିକଶିତ କରିପାରିବେ ଓ ସଫଳ ହୋଇପାରିବେ। ପଠନ ଅଭ୍ୟାସ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷର ଶୀର୍ଷରେ ପହଂଚାଇପାରିବ। ଏହି ଉତ୍ସବରେ ପ୍ରାରମ୍ଭିକ ସୂଚନା କାରୁବାକି ସାମନ୍ତରାୟ, ସ୍ୱାଗତ ଭାଷଣ ସୁରେଶ ଚନ୍ଦ୍ର ମହାପାତ୍ର ଓ ବାର୍ଷିକ ବିବରଣୀ ଡ. ଜ୍ୟୋତିର୍ମୟୀ ସାମନ୍ତରାୟ ପ୍ରଦାନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କର ୮୫ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି ସମାରୋହରେ ସପ୍ତକ ଶିଶୁ ସାହିତ୍ୟ ସମ୍ମାନ ମାସନ ରଞ୍ଜନ ସାମଲ, ସପ୍ତକ ସାହିତ୍ୟ ସମ୍ମାନ ରକ୍ଷକ ନାୟକ, ସପ୍ତକ ସେବା ସମ୍ମାନ ଡ. ମନୋଜ କୁମାର ଛୋଟରାୟ, କୀର୍ତିମତୀ ସେବା ସମ୍ମାନ ତାରିଣୀସେନ ସାହୁ, ଶିକ୍ଷକ-ଶିକ୍ଷା ସମ୍ମାନ ଶ୍ରୀମତୀ କବିତା କାନୁନଗୋ, ସପ୍ତକ ସମାଜସେବା ସମ୍ମାନ ରଣଜିତ ମହାନ୍ତି, ସପ୍ତକ ସ୍ୱେଚ୍ଛାସେବୀ ସମ୍ମାନ ଶ୍ୱେତକୁମାର ପଲାଇଙ୍କୁ ପ୍ରଦାନ କରାଯାଇଥିଲା। ହେମନ୍ତ କୁମାର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରୋଜ ବଦନ ପରିଡ଼ାଙ୍କ ନିର୍ଦ୍ଦେଶନାରେ ସଂଗୀତ ସହିତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶ୍ୱେତଲୀନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆନ୍ଦୋଳନରେ ପିଇଓ, ପଂଚାୟତ ଗେଟ୍‌ରେ ତାଲା, କାମ ଠପ୍, ସରକାର ଶୋଇଛନ୍ତି : ବିଜେପି

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ସାରା ରାଜ୍ୟରେ ପଂଚାୟତ ନିର୍ବାହୀ ଅଧିକାରୀମାନଙ୍କ କଲମଛାଡ ଆନ୍ଦୋଳନ ଯୋଗୁଁ ଅଧିକାଂଶ ପଂଚାୟତରେ ଗତ ୧୦ଦିନ ଧରି କାମ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ବନ୍ଦ ନକରି ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ଖରା ବର୍ଷାରେ ବୃଦ୍ଧ, ବୃଦ୍ଧା, ମହିଳା ଓ ଗରୀବ ଲୋକେ ଦୂରଦୂରାନ୍ତରୁ ପଂଚାୟତ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ମିଳୁଥିବା ୩ହଜାର ଟଙ୍କାର ତତ୍କାଳ ସହାୟତା ଗତ ୧୦ଦିନରେ ସମ୍ପୂର୍ଣ୍ଣ ବନ୍ଦ। ଓଡ଼ିଶାରେ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଭତା, ବିଧବା ଭତା ଭଳି ସହାୟତାର ପିଛିଲା ଓ ଚଳିତମାସର ପ୍ରାୟ ୩୦ ପ୍ରତିଶତରୁ ଅଧିକ ଭତା ବଂଟନ ହୋଇପାରି ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରଥମ କିସ୍ତି ଜୁଲାଇ ପ୍ରଥମ ସପ୍ତାହରେ ମିଳିଲା ପରେ ପଂଚାୟତ ନିର୍ବାହୀ ଅଧିକାରୀମାନଙ୍କ ଦ୍ୱାରା ହେବାକୁ ଥିବା ଅନ୍‌ଲାଇନ ଜିଓ ଟ୍ୟାଗିଙ୍ଗ ଓ ବିଲ୍ ଫର୍ମ୍ ପ୍ରଦାନ ହୋଇପାରୁ ନଥିବାରୁ ଆବାସ ଯୋଜନାର ଲକ୍ଷାଧିକ ହିତାଧିକାରୀ ଦ୍ୱିତୀୟ କିସ୍ତି ଟଙ୍କା ନପାଇବା ଯୋଗୁଁ 'ଆବାସ' ତିଆରି ବନ୍ଦ ପଡିଛି। ଆସନ୍ତା ମାସରୁ ଗରୀବ ଲୋକଙ୍କୁ ଭୋକିଲା ରଖିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ରାଜ୍ୟରେ ପ୍ରାୟ ୮୦ପ୍ରତିଶତରୁ ଅଧିକ ପଂଚାୟତରେ ପଂଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ଦ୍ୱାରା ପିଡିଏସ୍‌ରେ ଚାଉଳ ସମେତ ବିଭିନ୍ନ ଖାଦ୍ୟ ଶସ୍ୟ ବଂଟନ ହେଉଥିବାରୁ, ଆଗାମୀ ଦିନରେ ଗରୀବ ଲୋକଙ୍କୁ ଏହା କିଭଳି ମିଳିବ ତାହା ଏକ ବଡ ପ୍ରଶ୍ନବାଚୀ ବୋଲି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା କହିଛନ୍ତି। ପ୍ରତି ସୋମବାର ପଂଚାୟତରେ ହେଉଥିବା ଜନଶୁଣାଣି ବନ୍ଦ ହୋଇଯାଇଛି। ପାଇପ ଯୋଗେ ପିଇବା ପାଣି ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନୱାଡି, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ଓ ରାସ୍ତାଘାଟର ମରାମତି କାମ ବିନା ପଂଚାୟତ ନିର୍ବାହୀ ଅଧିକାରୀରେ ବନ୍ଦ ହୋଇଯାଇଥିବାରୁ ସାରା ରାଜ୍ୟର ଗ୍ରାମାଂଚଳରେ ଏବେ ନାହିଁ ନଥିବା ଦୁର୍ଦ୍ଦଶା। ଷ୍ଟ୍ରିଟ ଲାଇଟ୍ ମରାମତି ଅଭାବରୁ ହଜାର ହଜାର ଗାଁ ରାସ୍ତା ଏବେ ଅନ୍ଧାରରେ, ସାପ କାମୁଡା ଘଟଣା ରାଜ୍ୟରେ ବଢ଼ିଚାଲିଛି। ପିଇଓ ନଥିବାରୁ ବିଦ୍ୟୁତ୍ ବିଲ୍ ପୈଠ ହୋଇପାରୁ ନାହିଁ, ଫଳରେ ଅନେକ ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ ବିଭାଗ ବିଜୁଳି ସଂଯୋଗ କାଟି ଦେବାରୁ ଘର ଘରକୁ ଯାଉଥିବା ପିଇବା ପାଣି ବନ୍ଦ ହୋଇଯାଇଥିବା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅଭିଯୋଗ ଆସୁଛି। ପଂଚାୟତ ନିର୍ବାହୀ ଅଧିକାରୀମାନେ ସାରା ରାଜ୍ୟରେ ଅଗଷ୍ଟ ୭ ରୁ ୧୭ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିବା ପରେ ୧୮ ତାରିଖରୁ କଲମଛାଡ ଓ ୨୩ତାରିଖରୁ ରାଜଧାନୀରେ ବିକ୍ଷୋଭ କରୁଛନ୍ତି। ୬୭୯୪ ପଂଚାୟତରେ ପ୍ରାୟ ୨୬୦୦ରୁ ଅଧିକ ପଂଚାୟତ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଛି। ଦୁଇ/ ତିନୋଟି ପଂଚାୟତକୁ ଜଣେ ପିଇଓ କାମ କରୁଥିବାରୁ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ସରକାରଙ୍କ 'ଗୋଟିଏ ପଂଚାୟତକୁ ଜଣେ ନିର୍ବାହୀ ଅଧିକାରୀ' ଘୋଷଣା ଏବେ ଶୀତଳଭଣ୍ଡାରରେ କାହିଁକି ? ପିଇଓମାନଙ୍କ ଆନ୍ଦୋଳନ ଯଥେଷ୍ଟ ପୂର୍ବରୁ ଅବଗତ ଥିଲେ ବି ରାଜ୍ୟ ସରକାର ଚୁପ୍ ବସିବା ଏବଂ ଲକ୍ଷ ଲକ୍ଷ ଗରୀବ ଲୋକଙ୍କୁ ପଂଚାୟତ କାର୍ଯ୍ୟାଳୟରୁ ଫେରିଯିବାକୁ ବାଧ କରି ସେମାନଙ୍କ ଅଧିକାରରୁ ବଂଚିତ କରିବା ଘଟଣା ସରକାରଙ୍କ ମୁଖାଖୋଲି ଦେଇଛି। ପଂଚାୟତରେ ତାଲା କେବେ ଖୋଲିବ, କାର୍ଯ୍ୟ ନିର୍ବାହୀ ଅଧିକାରୀ କେବେ କାର୍ଯ୍ୟରେ ଯୋଗ ଦେବେ ତାହାର ଜବାବ ଦିଅନ୍ତୁ ରାଜ୍ୟ ସରକାର। ନିଜ ରାଜ୍ୟରେ ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବାର ମିଛ ଡିଣ୍ଡିମ ପିଟୁଥିବା ସରକାରରେ ଗ୍ରାମ ପଂଚାୟତ ସ୍ତରରେ ଅଧିକାର ପାଇବାରୁ ବଂଚିତ ହେଉଥିବା ଜନତା ଆଜି ଗାଁ ଗାଁରେ କାନ୍ଦୁଛି ଓ ଉପରୋକ୍ତ ସମସ୍ତ ପ୍ରଶ୍ନର ଉତର ଖୋଜୁଛି। ପଂଚାୟତରେ ଏଭଳି ଦୟନୀୟ ପରିସ୍ଥିତି ଚାଲୁରହିଲେ ସାରା ରାଜ୍ୟରେ ଏକ ଭୟାନକ ଓ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ। ପ୍ରତ୍ୟେକ ଗାଁରୁ ସାଧାରଣ ଲୋକଙ୍କର ଦୟନିୟ ସ୍ଥିତିକୁ ରାଜ୍ୟ ସରକାର ନିଜ ଆଖି ଖୋଲା ରଖି ଦେଖନ୍ତୁ ଓ କାନ ଖୋଲା ରଖି ସେମାନଙ୍କ ସ୍ୱର ଶୁଣନ୍ତୁ ବୋଲି ଶ୍ରୀ ପରିଡା କହିଛନ୍ତି।

# କଳ୍ପନା ଓ ବାସ୍ତବତାର ଯଥାର୍ଥ ବ୍ୟବହାରରେ ଗଳ୍ପ ହୁଏ

ଭୁବନେଶ୍ୱର, ୨୮/୦୮ (ନି.ପ୍ର): କଳ୍ପନାଶକ୍ତି ଓ ଚରିତ୍ରାୟନର ଉପଯୁକ୍ତ ବ୍ୟବହାର ବଳରେ ସାର୍ଥକ ଗଳ୍ପ ସୃଷ୍ଟି ହୋଇପାରେ। ଚରିତ୍ରକୁ ସଠିକ୍ ଭାବେ ବୁଝାଇ ପାରିଲେ ହିଁ ଗଳ୍ପ ଜୀବନ୍ତ ହୁଏ ବୋଲି ବିଶିଷ୍ଟ କଥାକାର ରମେଶ ପଟ୍ଟନାୟକ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ଜୀବନଧାରା, ଚରିତ୍ରାୟନ ଓ ଦୃଶ୍ୟବୋଧ ସଫଳ ଗଳ୍ପ ସୃଷ୍ଟିରେ ସାହାଯ୍ୟ କରେ । ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଓ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ମୋ ସୃଜନ: ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ରଖି ଶ୍ରୀ ପଟ୍ଟନାୟକ ତାଙ୍କ କଥାଯାତ୍ରା, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ପ୍ରସାରଣ, ପ୍ରିଂଟ ମିଡିଆରେ ଗଳ୍ପକାରିତା, ଗଳ୍ପର ପାଠକୀୟ ସଂପୃକ୍ତି ଇତ୍ୟାଦି ପ୍ରସଙ୍ଗରେ ବିସ୍ତୃତ ଆଲୋକପାତ କରିଥିଲେ। ପରବର୍ତୀ ପର୍ଯ୍ୟାୟରେ ଡ. ଅଭୟ ନାରାୟଣ ନାୟକ ଓ ବିଜନବାଳା ପାଟ୍ଟଯୋଶୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଇତିଶ୍ରୀ ପତି, ପୀତାମ୍ବର ଭୋଇ, ମିହିରକାନ୍ତି ଦାଶ, ଦେବଯାନୀ ରାୟ, ଶଶୀପ୍ରଭା ଦାସ, ରମେଶ ପ୍ରସାଦ ମହାନ୍ତି, ରଶ୍ମି ଦାସ, ସୁକୁମାର ବିଶ୍ୱାଳ, ମିହିର ରଥଶର୍ମା, ବାଦଲ ମହାନ୍ତି, ବିପିନ ବେହେରା, ସ୍ନେହଲତା ଦାସଲେଙ୍କା, ମିନତୀ ମିଶ୍ର, ଇନ୍ଦିରା ମିଶ୍ର, ପ୍ରଦୀପ ମହାନ୍ତି ଓ ମନମୋହନ ମିଶ୍ର ପ୍ରମୁଖ ସ୍ୱରଚିତ ଲେଖା ପାଠ କରିଥିଲେ। ଡାକ୍ତର ଜୀବନକୃଷ୍ଣ ମହାପାତ୍ର ବେଦପାଠ କରିଥିବାବେଳେ ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଢେଙ୍କାନାଳ ହରେକୃଷ୍ଣପୁରରେ 'ମୋ ମାଟି ମୋ ଦେଶ' ଅଭିଯାନରେ କେନ୍ଦ୍ରମନ୍ତ୍ରୀ

ହରେକୃଷ୍ଣପୁର/ଢେଙ୍କାନାଳ/ ଭୁବନେଶ୍ୱର, ୨୮/୦୮ (ନି.ପ୍ର): ଦେଶ ନିଜର ପୂର୍ବଜ ମାନଙ୍କୁ ମନେ ପକାଇବା ଦରକାର ଓ ଶ୍ରଦ୍ଧାଞ୍ଜଳି ଜଣାଇବା ଦରକାର । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା 'ଗଡଜାତ ଗାନ୍ଧୀ' ପୁଣ୍ୟାତ୍ମା ସାରଙ୍ଗଧର ଦାସଙ୍କ ପବିତ୍ର ଜନ୍ମମାଟି ହରେକୃଷ୍ଣପୁର ଠାରେ 'ମୋ ମାଟି, ମୋ ଦେଶ' ଅଭିଯାନ ଓ କଳସ ଯାତ୍ରାରେ ସାମିଲ ହୋଇ ମୁଁ ନିଜକୁ କୃତଜ୍ଞ ଓ ସୌଭାଗ୍ୟଶାଳୀ ମନେକରୁଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ସଂଗ୍ରାମୀ ସାରଙ୍ଗଧରଙ୍କ ନାମରେ ଏକ ଡାକ ଟିକଟ ଆରମ୍ଭ କରିବା ପାଇଁ ଗତକାଲି କେନ୍ଦ୍ର ରେଳ ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ନେହରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ମାଆ, ମାଟି ଓ ଶହୀଦଙ୍କୁ ସମ୍ମାନ ଜଣାଇବାର ଏକ ପବିତ୍ର ଅବସର । ବିପ୍ଳବୀ ସାରଙ୍ଗଧର ସମାଜର ନିରାଶ୍ରୟ, ବଂଚିତ ଓ ନିଷ୍ପେସିତ ଲୋକଙ୍କ ଉନ୍ନତି ଲାଗି ଜୀବନବ୍ୟାପୀ ଉଦ୍ୟମ କରିଥିଲେ । ତାଙ୍କ ବ୍ୟତିତ ପବିତ୍ର ମୋହନ ପ୍ରଧାନ, ବୀର ବୈଷ୍ଣବ ପଟ୍ଟନାୟକ, ଶହୀଦ ବାଜି ରାଉତ, ମହେଶ ଚନ୍ଦ୍ର ସୁବାହୁ ସିଂ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବେଣୁଧର ପଣ୍ଡା, ହରମୋହନ ପଟ୍ଟନାୟକ ଓ ଲକ୍ଷ୍ମୀଧର ସାହୁଙ୍କ ଭଳି ଅନେକ ସଂଗ୍ରାମୀ ଢେଙ୍କାନାଳ ମାଟିକୁ ମହନୀୟ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବୀର ଭୂମି ହରେକୃଷ୍ଣପୁରର ବୀର ପୁତ୍ର ସାରଙ୍ଗଧରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକ ଡାକ ଟିକଟ ଆରମ୍ଭ କରିବା ପାଇଁ ସେ କେନ୍ଦ୍ର ରେଳ, ଯୋଗଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗତକାଲି ପତ୍ର ଲେଖିଛନ୍ତି । ସାରଙ୍ଗଧରଙ୍କ ଜୟନ୍ତୀ ସୁଦ୍ଧା ଏହି ଡାକ ଟିକଟ ପ୍ରଚଳନ ପାଇଁ ନିବେଦନ କରାଯାଇଛି । ଏହାବ୍ୟତିତ ସ୍ଥାନୀୟ ଲୋକଙ୍କର ଅପେକ୍ଷା କ୍ରମେ ହରେକୃଷ୍ଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ମଧ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ରାଜ୍ୟ ସରକାର ଭାରତ ସରକାରଙ୍କୁ ଏ ସମ୍ପର୍କରେ ପତ୍ର ଲେଖିଲେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିର ଦାୟିତ୍ୱ ନିଆଯିବ । ଏହାବ୍ୟତିତ ସ୍ଥାନୀୟ ଯୁବ ବନ୍ଧୁଙ୍କର ତଥା ଗ୍ରାମରେ ସାରଙ୍ଗଧରଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ମଧ ଭାରତ ସରକାର ସହଯୋଗୀ ହେବେ । ବିଶେଷ ଭାବରେ ଯୁବବର୍ଗଙ୍କ ସହଯୋଗରେ ଗାଁରେ ଗାଁରେ ନେହରୁ ଯୁବ କେନ୍ଦ୍ର ସଂଗଠନ ମାଧ୍ୟମରେ ଏହି ଅଭିଯାନକୁ ସଫଳ କରିବା ଆମର ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ ।

## ବିଦେଶୀ ମଦ ଜବତ, ବେପାରୀ ଅଦାଲତ ଚାଲାଣ

କୋରେଇ, ୨୮/୦୮ (ନି.ପ୍ର): ପାଣିକୋଇଲି ପୁଲିସ ଶନିବାର ରାତ୍ରିରେ ୨୧ ଲିଟର ବିଦେଶୀ ମଦ ଜବତ କରିବା ସହ ଆଜି ବେପାରୀକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପାଣିକୋଇଲିରେ ଚୋରା ମଦ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ମାତ୍ର ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ପୁଲିସ ମଦ ଧରିବାରେ ସକ୍ଷମ ହୋଇଛି। ଶନିବାର ରାତ୍ରିରେ ଚୋରା ମଦ ନେଇ ଜଣେ ବ୍ୟକ୍ତି ଚାନ୍ଦପୁର ଦେଇ ଯାଉଥିବା ଖବର ପାଇ ପୁଲିସ ସ୍କୁଲ ଛକରେ ଜଗି ରହିଥିଲା। ଏହି ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜହଲ ଗ୍ରାମର ବାବନ ଚରଣ ଯେନାଙ୍କ ପୁଅ ମନୋଜ ଯେନା (୩୪) ମଦ ନେଇଯାଉଥିବା ବେଳେ ପୁଲିସ ତାକୁ ଧରିବାରେ ସକ୍ଷମ ହୋଇଥିଲା।

# ସୁନା ଅଳଙ୍କାର ସଫା କରିବା ଆଳରେ ସୁନା ଚେନ ଲୁଟିନେଲେ

ନିମାପଡା, ୨୮/୦୮ (ନି.ପ୍ର): ରବିବାର ପୂର୍ବାହ୍ନରେ ନିମାପଡା ପୌରପରିଷଦ ଅନ୍ତର୍ଗତ ଅମଲାପଡା ଗ୍ରାମରେ ସୁନା ଅଳଙ୍କାର ସଫା କରିବା ଆଳରେ ଜଣେ ମହିଳାଙ୍କ ଠାରୁ ସୁନା ଚେନକୁ ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ, ଅମଲାପଡା ଗ୍ରାମର ଜୁଲିବାସ ସ୍ୱାଇଁଙ୍କ ପତ୍ନୀ ଜିନୁ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଦୁଇ ଜଣ ଯୁବକ ଏକ ବାଇକରେ ଆସି ଜିନୁଙ୍କ ଘରେ ପହଂଚି ପୁରୁଣା ସୁନା ଅଳଙ୍କାର ସଫା କରିବାକୁ କହିଥିଲେ । ସେମାନଙ୍କ କଥାରେ ଜିନୁ ବିଶ୍ୱାସ କରି ଘରେ ଥିବା ୨୫ ଗ୍ରାମ ଓଜନର ସୁନା ଚେନକୁ ସଫା କରିବାକୁ ଦେଇ ତାଙ୍କ ପାଖରେ ଜିନୁ ବସିଥିଲେ। ସେମାନେ ଏକ ପାତ୍ର ବାହାର କରି ସଫା କରୁଥିବା ସମୟରେ ହଠାତ ଯୁବକ ମାନେ ପକେଟରେ ରଖିଥିବା କିଛି ପାଉଡର ଜିନୁଙ୍କ ମୁହଁକୁ ପକାଇ ଦେଇଥିଲେ । ଫଳରେ ଜିନୁ ଚେତାଶୂନ୍ୟ ହୋଇଯିବାରୁ ଯୁବକ ମାନେ ଚେନକୁ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ।

## ପୋଲିସ ଭବନ ପରିସରରେ ତିନି ଦିନିଆ କର୍ମଶାଳା ଆରମ୍ଭ

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଠାରେ "ମହିଳା ଏବଂ ଶିଶୁଙ୍କ ଉପରେ ଯୌନ ଅପରାଧର ତଦନ୍ତ ପାଇଁ ଫୋରେନସିକ୍ କୌଶଳ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର" ସଂକ୍ରାନ୍ତୀୟ ତିନି ଦିନିଆ କର୍ମଶାଳା ଆରମ୍ଭ ହୋଇଯାଇଛି । ଏହି ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ରେ ୧୫୦ ଥାନାର ଆଇଆଇସି ଏବଂ ଏସଡିପିଓ ରାଙ୍କର ଅଧିକାରୀମାନେ ଯୋଗ ଦେବେ। ପ୍ରତିଦିନ ୫୦ ଜଣ ଅଧିକାରୀ ଏହି ପ୍ରଶିକ୍ଷଣ ନେବେ। 'ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା' ଏବଂ 'ୟୁନିସେଫ'ର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂସଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରବିବାର ଉଦ୍ ଘାଟନ କରିଥିଲେ। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ଯୌନ ଉତ୍ପୀଡନ ମାମଲା ଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ। ଏଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡିକର ତଦନ୍ତ ନିର୍ଭୁଲ ଏବଂ ନିରପେକ୍ଷ ହେବା ଉଚିତ୍। ତଦନ୍ତରେ ଫରେନସିକ୍ କୌଶଳ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଡିଜିପି ଶ୍ରୀ ବଂସଲ ମତବ୍ୟକ୍ତ କରିଛନ୍ତି। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧିକ ମାମଲାଗୁଡ଼ିକର ସମାଧାନ ପାଇଁ ଏହି ତାଲିମ୍ ପୋଲିସ ଥାନାରେ ନିଯୁକ୍ତ ଥିବା ଅଧିକାରୀଙ୍କୁ ଅପରାଧ ତଦନ୍ତରେ ସହାୟତା କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

# ରାଷ୍ଟ୍ରୀୟ ସେବା ଭାରତୀ ଦ୍ୱାରା ଆପଦା ପ୍ରବନ୍ଧନ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ରାଷ୍ଟ୍ରୀୟ ସେବା ଭାରତୀ ଦ୍ୱାରା ୨ ଦିନିଆ ଆପଦା ପ୍ରବନ୍ଧନ ପ୍ରଶିକ୍ଷଣ ବର୍ଗ ଭୁବନେଶ୍ୱର ସ୍ଥିତ ଉତ୍କଳବିପନ୍ନ ସହାୟତା ସମିତି ପରିସରରେ ରବିବାର ଉଦଯାପିତ ହୋଇଛି। ଉକ୍ତ ବର୍ଗରେ ଆସାମ, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଛତିଶଗଡ ଓ ଓଡିଶାର ରାଜ୍ୟସ୍ତରୀୟ ଟିମ୍ ର ମୋଟ ୭୧ ଜଣ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ବର୍ଗରେ ଏନ.ଡି.ଆର.ଏଫ., ରେଡକ୍ରସ ଓ ଓଡିଶା ଫାୟାର ବ୍ରିଗେଡରର ଅଧିକାରୀମାନେ ନିଜର ଟିମ ସହିତ ବିଭିନ୍ନ ପ୍ରାତ୍ୟେକ୍ଷିକ ପ୍ରଶିକ୍ଷଣ ମଧ୍ୟରେ ଆପଦ ପ୍ରବନ୍ଧନ ପ୍ରଶିକ୍ଷଣ ବର୍ଗରେ ସହଯୋଗ କରିଛନ୍ତି। ଏତଦବ୍ୟତିତ ରାଷ୍ଟ୍ରୀୟ ସେବା ଭାରତୀର ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ଭିନ୍ନ ଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମାରୋପ ସମାରୋହରେ ଡା. ପତିତପାବନ ମହାନ୍ତି, ଏସ. ଭି. ଏନ.ଆଇ.ଆର.ଟି.ଏ.ଆର ର ଡାଇରେକ୍ଟର ମୁଖ୍ୟ ଅତିଥି ହିସାବରେ ଯୋଗଦେଇ ପ୍ରତିଭାଗୀମାନଙ୍କର ମାର୍ଗ ଦର୍ଶନ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସେବା ଭାରତୀର ସଂଯୁକ୍ତ ମହାମନ୍ତ୍ରୀ ବିଜୟ ପୁରାଣିକ ସେବା ଭାରତୀର ସାରା ଭାରତରେ ଚାଲୁଥିବା କାର୍ଯ୍ୟ ବିଷୟରେ ସୂଚନା ଦେବା ସଂଗେ ସଂଗେ ପ୍ରଶିକ୍ଷଣରୁ ଶିକ୍ଷା ଲାଭ କରିଥିବା ବିଷୟକୁ ନିଜ ନିଜ ପ୍ରାନ୍ତରେ (ରାଜ୍ୟରେ) ପ୍ରଶିକ୍ଷଣ ଦେବା ସହିତ ଆପଦା ରହିତ ସମାଜ ନିର୍ମାଣରେ ସହଯୋଗୀ ହେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବର୍ଗର ସମାରୋପ ସମାରୋହରେ ସଂଗଠନ ମହାମନ୍ତ୍ରୀ, ରାଷ୍ଟ୍ରୀୟ ସେବା ଭାରତୀ ସୁଧିର କୁମାର ତ୍ରିଷ୍ଟି, ରାଷ୍ଟ୍ରୀୟ ସେବା ଭାରତୀ ଗୁରୁଶରଣ,ସୁମନ୍ତ କୁମାର ପଣ୍ଡା, ପୂର୍ବକ୍ଷେତ୍ର ସେବା ପ୍ରମୁଖ ଜଗଦୀଶ ପ୍ରସାଦ ଖାଡଙ୍ଗା, ପ୍ରଶନ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଅକ୍ଷୟ କୁମାର ବିଜଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନରୁ ଓହରିବେନି ବୋଲି ସଂକଳ୍ପ ନେଲେ ଅଧ୍ୟାପକ

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଆଜକୁ ୪୨ଦିନ ଧରି ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିଛନ୍ତି । ସରକାରୀ ଅନୁଦାନ ପରିସରଭୁକ୍ତ ସଂଘର ଏକମାତ୍ର ଦାବି ରହିଛି । ବିଗତ ୪୨ଦିନ ମଧ୍ୟରେ ତିନିଥର ମହାସମାବେଶ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳସ୍ୱରୂପ ଉଚ୍ଚଶିକ୍ଷା ବିଭାଗର ସଚିବ ଓ ମନ୍ତ୍ରୀଙ୍କ ସହିତ ଦୁଇଥର ଆଲୋଚନା ହୋଇଥିଲେ ମଧ ସେମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି । ସରକାରଙ୍କର ଏହିଭଳି ଟାଳଟୁଳ ନୀତି ଯୋଗୁଁ ସଂଘର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହେଉଅଛି । ସେଥିପାଇଁ ସଂଘର ସଭାପତି ଡଃ ଦେବବିଜୟ ମିଶ୍ରଙ୍କର ଅଧ୍ୟକ୍ଷତାରେ ଗାନ୍ଧୀମାର୍ଗର ଧାରଣା ସ୍ଥଳରେ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଅଛି । ଯଦି ସରକାର ଯଥାଶୀଘ୍ର ଆମର ଏକମାତ୍ର ଦାବି "ସରକାରୀ ଅନୁଦାନ ପରିସରଭୁକ୍ତ" ନକରନ୍ତି ତେବେ ଆଗାମୀ ଦିନରେ ସଂଘ ତା'ର ପ୍ରତିବାଦକୁ ତୀବ୍ରରୁ ତୀବ୍ରତର କରିବା ସହ ଆମରଣ ଅନଶନରେ ଧାରଣା ଦେବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଅଛି । ଏଥିପାଇଁ ଯେଉଁପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ । ଉକ୍ତ ସଭାରେ ସଂଘ ଉପସଭାପତି ରବି ନାରାୟଣ କରଣ, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଧନଞ୍ଜୟ ମିଶ୍ର, ବିଭୂ ପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଶଙ୍କର ପାଢୀ, ତପନ ତରେଇ, ଶ୍ରୀକାନ୍ତ ସାହୁ, ଶିବ ପ୍ରସାଦ ମଲ୍ଲିକ ତଥା ସଂସ୍କୃତ ସଂଘର ସଭାପତି କୁଶଦେବ ମଲ୍ଲିକଙ୍କ ସହ ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ମହିଳା ଉଷୁ ଲିଗ ପାଇଁ ୧୪ ଜଣ ଖେଳାଳୀ ମନୋନୀତ

ବଲାଙ୍ଗୀର, ୨୮/୦୮ (ନି.ପ୍ର): ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ଝାରସୁଗୁଡା ବେଲପାହାଡ ସ୍ଥିତ ଜୁବୁଲି ହଲ ଠାରେ ଖେଲୋ ଇଣ୍ଡିଆ ରାଜ୍ୟ ମହିଳା ଉଷୁ ଲିଗ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ୨୫୦ ରୁ ୩୦୦ ଖେଳାଳୀ ଯୋଗ ଦେବେ । ପ୍ରତିଯୋଗିତାରେ ଯୋଗଦେବା ପାଇଁ ବଲାଙ୍ଗୀର ଜିଲ୍ଲାର ୧୪ ଜଣିଆ ମହିଳା ଉଷୁ ଦଳ ଚୟନ କରାଯାଇଛି ।

# ପଥରଗାଡ଼ିଆରେ ଦନ୍ତା ଉତ୍ପାତ: ରାତିରେ ପଶିଲା, ପାଚେରି ଭାଙ୍ଗିଲା

ଚନ୍ଦ୍ରଶେଖରପୁର, ୨୮/୦୮ (ନି.ପ୍ର): ରାଜଧାନୀରେ ପୁଣି ପଶିଲା ଦନ୍ତା ହାତୀ। ସେଭଳି କିଛି କ୍ଷତି କରି ନ ଥିଲେ ମଧ୍ୟ ହାତୀକୁ ନେଇ ଭୁବନେଶ୍ୱର ଉପକଣ୍ଠରେ ଆତଙ୍କ ଖେଳିଯାଇଛି । ଏକ ହାତୀ ପଥରଗାଡ଼ିଆ, ଅଳସୁଆ, ଦାରୁଠେଙ୍ଗ, ଚନ୍ଦକା, କଣ୍ଟାବାଡ଼, ଦଲୁଆ, ଅନ୍ଧାରୁଆ ପ୍ରଭୃତି ଅଞ୍ଚଳରେ ବୁଲୁଛି। କେଉଁଠି ଫାର୍ମ ହାଉସ୍ ଉଜାଡ଼ି ଦେଇଛି ତ କେଉଁଠି ଲୋକଙ୍କ ପାଚେରି ଭାଙ୍ଗୁଛି। ହାତୀ ଉତ୍ପାତ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲେ ମଧ ବନ ବିଭାଗ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ହାତୀକୁ ତୁରନ୍ତ ଘଉଡ଼ାଇବା ଲାଗି ଲୋକେ ବାରମ୍ବାର ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ପଥରଗାଡ଼ିଆ ନିକଟ ଗଣେଶ ବିହାର ଅଞ୍ଚଳର ହୃଦାନନ୍ଦ ମହାକୁଡ଼ଙ୍କ କହିବାନୁଯାୟୀ ରାଜଧାନୀକୁ ଲାଗିରହିଥିବା ଭରତପୁର ଜଙ୍ଗଲରେ ଏବେ ହାତୀଙ୍କ ଚଳପ୍ରଚଳ ଜାରି ରହିଛି। ପ୍ରତି ମାସେ କିମ୍ବା ଦୁଇ ମାସ ଅନ୍ତରରେ ଚନ୍ଦକା ଅଭୟାରଣ୍ୟରୁ ହାତୀ ପଲ ବାହାରି ଭରତପୁର ମୁହାଁ ହେଉଥିଲେ। ମାତ୍ର ଗତ କିଛି ମାସ ହେଲା ଏକ ୧୬ ଟିକିଆ ହାତୀ ପଲ ଭରତପୁର ଜଙ୍ଗଲରେ ଡେରା ପକାଇ ରହିଛନ୍ତି। ବର୍ଷାଧିକ ହେଲା ହାତୀଗୁଡ଼ିକ ରହୁଥିବାରୁ ବିଭିନ୍ନ ସମୟରେ ବାହାରକୁ ଆସି ଉତ୍ପାତ କରୁଛନ୍ତି। ଗତକାଲି ରାତିରେ ଲୋକେ ଘର ବାହାରେ ଥିବା ସମୟରେ ଏକ ଦନ୍ତା ରାସ୍ତାରେ ଚାଲି ଚାଲି ଯାଉଥିବା ଦେଖିବାକୁ ପାଇଥିଲେ। ହଠାତ୍ ଦନ୍ତାକୁ ଦେଖି ଲୋକେ ଭୟଭୀତ ହେବା ସହ ସଙ୍ଗେ ସଙ୍ଗେ ବନ ବିଭାଗ ଅଧିକାରୀଙ୍କୁ ଫୋନ୍ କରିଥିଲେ। ମାତ୍ର କେହି ଫୋନ୍ ଉଠାଇ ନ ଥିଲେ କି ଘଟଣାସ୍ଥଳକୁ ଆସି ନ ଥିଲେ।

# ଅଲ ଓଡ଼ିଶା ଏମ୍.ସି. ଓ ଏ.ପି.ଓ. ଆସୋସିଏସନ୍‌ର ଧାରଣା

ଭୁବନେଶ୍ୱର, ୨୮/୦୮ (ନି.ପ୍ର): ଲୋୟର ପି.ଏମ୍.ଜି.ରେ ବିଧାନସଭା ସମ୍ମୁଖରେ ଅଲ୍ ଓଡ଼ିଶା ଏମ୍.ସି. ଓ ଏ.ପି.ଓ. ଆସୋସିଏସନ୍ (ଓମ୍‌ସା) ର ଦୁଇ ଦଫା ସମ୍ବଳିତ ଦାବି ପୂରଣ ପାଇଁ ରାଲି, ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ଥିବା ସମସ୍ତ ୩୧୪ ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ଅତିରିକ୍ତ ପ୍ରୋଗ୍ରାମ୍ ଅଫିସର ଓ ୩୦ଟି ଜିଲ୍ଲାପରିଷଦରେ କାର୍ଯ୍ୟରତ ଥିବା ସମସ୍ତ ମନରେଗା କୋର୍ଡିନେଟର (ଏମ୍.ସି.) ମାନେ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ସେମାନଙ୍କର ଚାକିରୀ ସର୍ତାବଳୀ ଓ ସରକାରଙ୍କର ନୀତି ନିର୍ଦ୍ଧାରଣ ତଥା ବାରମ୍ବାର ଦାବି ପୂରଣ ପାଇଁ ପୂର୍ବରୁ ଦିଆଯାଇଥିବା ଚିଠିର ଉତର ନ ମିଳିବା ପରିପ୍ରେକ୍ଷୀରେ ଏହି ଆନ୍ଦୋଳନ ଓ ଧାରଣା କରାଯାଇଥିଲା ବୋଲି ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଯାଇଛି । ସଂଘର ଦୁଇଟି ଦାବି ଯଥା- ସ୍ଥାୟୀ ନିଯୁକ୍ତି ଓ ବର୍ଦ୍ଧିତ ଦରମାକୁ ସରକାର ବାରମ୍ବାର ଅଣଦେଖା କରିଆସୁଥିବାରୁ ବାଧହୋଇ ସଂଘ ରାଜରାସ୍ତାକୁ ଓହ୍ଲାଇଲା ବୋଲି ସଂଘର ଉପସଭାପତି ମଧୁସ୍ମିତା ମିଶ୍ର କହିଛନ୍ତି । ଦୀର୍ଘ ୧୨ ବର୍ଷ ହେଲା ଆମେ ଅସ୍ଥାୟୀ ଭାବେ କାମ କରୁଛୁ । ଭାରତର ସବୁଠୁ ବଡ଼ ଯୋଜନା ମନରେଗାର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିଆସୁଛୁ ଏବଂ ଆମ୍ଭମାନଙ୍କୁ ଉଚ୍ଚ ମାର୍କରେ ପି.ଜି. ପାସ୍ କଲାପରେ ନିଯୁକ୍ତି ଦିଆଯାଇଛି, କିନ୍ତୁ ସରକାର ଆମ ଚାକିରୀ ସ୍ଥାୟୀ କରୁନଥିବାରୁ ବଡ଼ ଦୁଃଖ ଏବଂ ପରିତାପର ବିଷୟ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ପ୍ରତିବର୍ଷ ଆମକୁ ସରକାରଙ୍କ ସହିତ ଚୁକ୍ତି କରିବାକୁ ପଡୁଛି । ଆମକୁ ସରକାର ଡରାଇ ରଖିଛନ୍ତି । ଆଉ ଆଗକୁ ଏଭଳି ପଦକ୍ଷେପକୁ ଆମେ ସହିପାରିବୁ ନାହିଁ ଏବଂ ସରକାର ଯଦି ଆମକୁ ସ୍ଥାୟୀ ନିଯୁକ୍ତି ଏବଂ 'ସମାନ କାମକୁ ସମାନ ଦରମା' ଦେଇ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ସୁବିଧା ସୁଯୋଗ ନଦିଅନ୍ତି, ତେବେ ଆମେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସଂଘର ସାଧାରଣ ସମ୍ପାଦକ ମାନସ ରଂଜନ କର ଚେତାବନି ଦେଇଛନ୍ତି ।

# ଅଧିକ ପରିଚ୍ଛନ୍ନତା ବିପଦର କାରଣ !

**ପିଲାବେଳେ ଆମେ ସ୍କୁଲରେ ପ୍ରଥମେ ପଢୁଥିଲୁ- ସଦାସର୍ବଦା ଘରେ ଓ ବାହାରେ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ । ଏବୁ ମଧ୍ୟରେ ଦୈନିକ ନିୟମିତ ସ୍ନାନ, ଦନ୍ତମଞ୍ଜନ, ଖାଦ୍ୟ ଗ୍ରହଣ ପୂର୍ବରୁ ଭଲକରି ହାତଧୋଇବା ଆଦି ଅନ୍ୟତମ । ଏସବୁ ବ୍ୟକ୍ତିଗତ ନିୟମକାନୁନ୍ ନ ମାନିଲେ ଆମ ସ୍ୱାସ୍ଥ୍ୟ ହାନି ହେବାର ଆଶଙ୍କା ରହିଛି ।**

ଛୋଟ ବେଳେ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ପୁଣି ଆଉ କାହା ଜୀବନରେ ଅଜଣା ବିପଦକୁ ଡାକିଆଣେ । ମାତ୍ରାଧିକ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ଆମ ଶରୀରକୁ ନିୟନ୍ତ୍ରିତ କରିବା ପରିବର୍ତ୍ତେ କେତେକ ଭୟଙ୍କର ରୋଗକୁ ନିମନ୍ତ୍ରଣ କରେ । ଏ ସମ୍ପର୍କରେ କାନାଡ଼ାର ଜଣେ ଗବେଷକ ବିସ୍ତୃତ ବିବରଣୀ କବଳରେ ପଡ଼ି ସବୁଠୁଁ ବେଶୀ ଅସୁସ୍ଥ ହୋଇ ଶିଶୁମାନେ କଷ୍ଟ ଭୋଗିଥାନ୍ତି । ଏ ସମ୍ପର୍କରେ ସମୀକ୍ଷା କ୍ରମେ ଦେଖାଯାଇଛି ଯେ ଯେଉଁ ଶିଶୁମାନେ ନିୟମିତ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରୁଥାନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସାଧାରଣତଃ ଶ୍ୱାସ ରୋଗର ଶିକାର ହୋଇଥାନ୍ତି । 'ପିଚିୟା' ନାମକ ଏକ ଜୀବାଣୁ ଯୋଗୁ ଶିଶୁମାନଙ୍କର ଶ୍ୱାସକଷ୍ଟ



ଦେଇଛନ୍ତି । ବୋଷ୍ଟନସ୍ଥିତ ଆମେରିକୀୟ ଆସୋସିଏସନ ଫର ଦି ଆଡ଼ଭାନ୍ସମେଣ୍ଟ ଅଫ ସାଇନ୍ସ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ଏହି ଗବେଷକ ଜଣକ ନିଜ ଯୁକ୍ତି ସପକ୍ଷରେ ବିଭିନ୍ନ ନଥିପତ୍ର ପ୍ରେସ କରିଥିଲେ । ଏଥିରେ ଉଲ୍ଲେଖ ରହିଛି ଯେ ପ୍ରଦୂଷଣ ଜନିତ ଅପରିଚ୍ଛନ୍ନତା ମଣିଷ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ । ତେବେ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବେଶରୁ ମଧ୍ୟ ନାନା ରୋଗ ଜାତହୁଏ । ଏହି ରୋଗ ବୃଦ୍ଧି ପାଇଥାଏ । ଏହି ଶ୍ୱାସରୋଧକାରୀ ବ୍ୟାକ୍ଟେରିଆଗୁଡ଼ିକ କିନ୍ତୁ ପରିଷ୍କାର-ପରିଚ୍ଛନ୍ନ ଜାଗା ଅଥବା ବିଶୁଦ୍ଧ ଜଳରେ ରହିଥାନ୍ତି । ଏହି ବ୍ୟାକ୍ଟେରିଆ ଗୁଡ଼ିକ ଶ୍ୱାସକଷ୍ଟ ବ୍ୟତୀତ ଅନନ୍ୟ ବହୁ ରୋଗରୁ ଶିଶୁମାନଙ୍କୁ ରୋଗମୁକ୍ତ କରି ବଂଚାଇ ରଖିଥାଏ । ଏଣୁ ସାମ୍ପ୍ରତିକ ସମୟ ଓ ସମାଜରେ କିଛି ମାତ୍ରାରେ ପ୍ରଦୂଷଣ ଅଥବା ଅପରିଚ୍ଛନ୍ନତା ମଧ୍ୟ ଜୀବନଧାରଣ ନିମନ୍ତେ ଖୁବ୍ ଆବଶ୍ୟକ ବୋଲି ଏହି ଗବେଷଣାଲବ୍ଧ ନିଷ୍କର୍ଷରୁ ଜଣାପଡ଼ିଛି ।

# ମାଲାମାଲ୍ ହେବାର ସରଳ ଉପାୟ

ଆଜି ମଣିଷର ବ୍ୟସ୍ତବହୁଳ ଜୀବନରେ ଏତେ ଅଶାନ୍ତି ଓ କାର୍ଯ୍ୟଭାର ବଢ଼ିଗଲାଣି ଯେ, କିଛି କ୍ଷଣର ଶାନ୍ତି ପାଇବା ପାଇଁ ସେ ବହୁ ଉପାୟ ଅବଲମ୍ବନ କରୁଛି । ତଥାପି ସେ ଖୋଜି ପାଇପାରୁ ନାହିଁ ସୁଖ ଶାନ୍ତି । ସବୁବେଳେ ମଣିଷ ଅଧିକରୁ ଅଧିକ ଅର୍ଥ ଉପାର୍ଜନ ପାଇଁ ଏତେ ପରିଶ୍ରମ କରୁଛି । ଯାହା ଫଳରେ କି ତା ଲାଗି ଛୋଟ ବଡ଼ ଖୁସି ଓ ପରିବାର ସହ ସମୟ ବିତାଇବା କଷ୍ଟକର ହୋଇପଡୁଛି । ତେବେ ଆଜି ଆମେ ଆପଣଙ୍କୁ ଏପରି କିଛି ଉପାୟ ସମ୍ପର୍କରେ ଜଣାଇବାକୁ ଯାଉଛୁ, ଯାହାଦ୍ୱାରା ଆପଣ ନିଜ ଜୀବନରେ କିଛି ପରିବର୍ତ୍ତନ ଆଣିପାରିବେ । ଏହି ଉପାୟ ସବୁକୁ କେବଳ ରବିବାର ଦିନ ହିଁ ଆପଣଙ୍କୁ ଅବଲମ୍ବନ କରିବାକୁ ପଡ଼ିବ । ଯାହା ଫଳରେ ଆପଣଙ୍କ ଘରେ ନକାରାତ୍ମକତା ଶକ୍ତି ନାଶ ହେବା ସହ ଆପଣଙ୍କୁ ସୁଖ ଶାନ୍ତି ପ୍ରାପ୍ତ ହେବ । ତେବେ ଆସନ୍ତୁ ଜାଣିବା, ରବିବାରରେ କେଉଁ ୩ଟି ସରଳ ଉପାୟକୁ ଅବଲମ୍ବନ କଲେ ଆପଣ ହୋଇପାରିବେ ଆର୍ଥିକ ରୂପେ ସ୍ୱଚ୍ଛଳ ଓ ସଂମୃଦ୍ଧ ।।

- ରବିବାର ଦିନ ଆପଣ ନିଜ ଘରର ପ୍ରତିଟି କୋଣରେ କର୍ପୂର ଧୂଆଁ ଦିଅନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଘର ଓ ଆପଣଙ୍କ ଉପରେ ରହିଥିବା ଖରାପ ଶକ୍ତି ପ୍ରଭାବରୁ ଆପଣଙ୍କୁ ମୁକ୍ତି ମିଳିଥାଏ ।
- ରବିବାର ଦିନ ଆପଣଙ୍କ ଗୃହକୁ ଲୁଣ ମିଶ୍ରିତ ଜଳରେ ଧୋଇବା ଉଚିତ୍ । ଏହା କରିବା ଫଳରେ ଆପଣଙ୍କ ଘରେ ସକାରାତ୍ମକତା ଉର୍ଜା ବୃଦ୍ଧି ହେବା ସହ ମା' ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡେ ବୋଲି ମାନ୍ୟତା ରହିଛି ।
- ଆପଣ ଯଦି ଏହି ଦିନ କେଉଁଠାରୁ ଯାତ୍ରା କରୁଛନ୍ତି ତେବେ ବିଶେଷ ଧ୍ୟାନ ରଖିବେ ଯେ, ସନ୍ଧ୍ୟାରେ ଗୃହକୁ ଫେରିବା ସମୟରେ ଏକ ଖାଦ୍ୟ ସଂରକ୍ଷଣ ବସ୍ତୁକୁ ଯେମିତି ହେଲେବି ଘରକୁ ଆଣିବେ । ଏହାଦ୍ୱାରା ଆପଣଙ୍କ ଘରେ ମାତା ଅନ୍ନପୂର୍ଣ୍ଣାଙ୍କର ସୁଦୃଷ୍ଟି ରହିଥାଏ । ତେବେ ଏହିସବୁ ଉପାୟ ଅବଲମ୍ବନ କରିବା ସମୟରେ ହୃଦୟରେ ନିର୍ମଳଭାବ ରହିବା ସହ ପରିବେଶ ସ୍ୱଚ୍ଛ ରଖିବା ଅତ୍ୟନ୍ତ ଆବଶ୍ୟକ ।

# ଭୋଜନ ପରର ନିୟମ



ଆଜିକାଲି ଯେକୌଣସି ରେଷ୍ଟୋରାଁ ହେଉ କିମ୍ବା ପଞ୍ଚତାରକା ହୋଟେଲ, ଭୋଜନ ପରଷା ହେବା ପୂର୍ବରୁ ଥଣ୍ଡା ପାଣି ଗିଲାସେ ଗ୍ରାହକଙ୍କ ସମ୍ମୁଖରେ ରଖାଯାଇଥିବାର ଦେଖାଯାଉଛି । ଏପରିକି ଭୋଜନ ପରେ ମଧ୍ୟ ଥଣ୍ଡା ପାଣି ଦିଆଯାଉଛି । ତେବେ ଏହି ଥଣ୍ଡା ସ୍ୱାସ୍ଥ୍ୟପାଇଁ ଖୁବ ହାନିକାରକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବିଶେଷ କରି ଭୋଜନ ସମୟରେ କିମ୍ବା ପରେ ଥଣ୍ଡାପାଣି କେବେହେଲେ ପିଇବା ଉଚିତ୍ ନୁହେଁ । ନଖ ଉଷୁମ ପାଣି ନଚେତ ସାଧାରଣ ତାପମାତ୍ରାରେ ଥିବା ପାଣି ପିଇଲେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ । ପରୀକ୍ଷାରୁ ଦେଖାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ଭୋଜନ ପରେ ଥଣ୍ଡା ପାଣି ପିଅନ୍ତି, ସେମାନଙ୍କ ଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଇଥାଏ । ତେଣୁ ସମସ୍ତ ବର୍ଗର ଲୋକେ ଘରେ ଫିଲଟ କିମ୍ବା ତମ୍ବା ପାତ୍ରରେ ଥିବା ପାଣି ପିଇବା ଉଚିତ । ଚୀନ ଓ ଜାପାନର ବିଶେଷଜ୍ଞ ଦଳଙ୍କ ପରରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ଭୋଜନପେର ଥଣ୍ଡା ପାଣି ପିଉଥିବା ଲୋକଙ୍କୁ ହୃଦଘାତ ହେବାର ଆଶଙ୍କା ମଧ୍ୟ ସର୍ବାଧିକ । ଜାପାନରେ କାଁ ଭାଁ କେତୋଟି ଲୋକ ବୋଧହୁଏ ଭୋଜନ ପରେ ଥଣ୍ଡା ପାଣି ପିଉଥିବେ । ନଚେତ ଅଧିକାଂଶ ଲୋକେ ନଖ ଉଷୁମ ପାଣି ହିଁ ପିଇଥାନ୍ତି । ଏହାସହ ଥଣ୍ଡା ପାଣି ପିଇଲେ ହଜମ ପ୍ରକ୍ରିୟା ଧୀର ହୁଏଓ ପେଟ ସମସ୍ୟା ଆରମ୍ଭ ହୁଏ ।

# ବିଶ୍ୱର ସବୁଠାରୁ ବିଷାକ୍ତ ଗଛ ମାନ୍‌ସିନିଲ୍



କାରିବିଅନ, ଫ୍ଲୋରିଡ଼ା, ଦକ୍ଷିଣ ଆମେରିକା, ଆମେରିକା ଓ ବାହାମାସରେ ଦେଖାଯାଉଥିବା ମାନ୍‌ସିନିଲ୍ ଗଛକୁ ବିଶ୍ୱର ସବୁଠାରୁ ବିଷାକ୍ତ ଓ ବିପଦଜନକ ଗଛ ବୋଲି ଗିନିଜ୍ ବୁକରେ ଲେଖାଯାଇଛି । ଏହା ବିଶେଷକରି ସମୁଦ୍ରକୂଳରେ ଦେଖିବାକୁ ମିଳିଥାଏ । ଏହି ଗଛର ଫଳର ବାସ୍ନା ବେଶ୍ ମିଠା । ତାହା ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଥାଏ । ତେବେ ଯିଏ ଏହି ଫଳର ବାସ୍ନାରେ ମୋହିତ ହେବ ସେ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ ହେବା ନିଶ୍ଚିତ । ଏହି ଗଛର ଫଳକୁ ଥରେ କାମୁଡ଼ି ଖାଇଲେ ତଣ୍ଟି ଯନ୍ତ୍ରଣା ହେବା ସହ ତଳିପେଟ ଯନ୍ତ୍ରଣା ହୋଇଥାଏ । ବାନ୍ତି ହୋଇଥାଏ, ପାଚନ ଶକ୍ତି ପ୍ରକ୍ରିୟାରେ ବାଧା ଆସିଥାଏ । ଖାଲି ସେତିକି ନୁହେଁ ଏ ଗଛର ପତ୍ର, ଡାଳ, ଡାଳର ରସ ଶରୀରରେ ବାଜିଲେ ମୁଣ୍ଡରେ ଯନ୍ତ୍ରଣା ହେବା ସହ ଶ୍ୱାସରୁଦ୍ଧ ହୋଇଥାଏ । ଏହାର ରସ ଆଖିରେ ପଡ଼ିଲେ ଆଖି ନଷ୍ଟ ହୋଇଯିବା ସୁନିଶ୍ଚିତ । ଏ ଗଛକୁ କାଟି ଏହାର କାଠକୁ ଜାଳେଣି ପାଇଁ ବ୍ୟବହାର କରିବା କଥା ଭାବିବା ଅନୁଚିତ କାରଣ କାଠରୁ ନିର୍ଗତ ହେଉଥିବା ଧୂଆଁ ହୃତପିଣ୍ଡକୁ ଆଘାତ ପହଞ୍ଚାଇଥାଏ ଓ ଶ୍ୱାସ ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି କରିଥାଏ ।

ବ୍ରିଟେନରେ ରଞ୍ଜନ ରଶ୍ମି ବିଶେଷଜ୍ଞନିକୋଲା ଷ୍ଟ୍ରିକଲାଣ୍ଡ ଓ ତାଙ୍କ ସାଙ୍ଗ ଏ ଗଛ ଫଳର ମିଠା ବାସ୍ନାରେ ମୁଗ୍ଧ ହୋଇ ଗୋଟିଏ ଥର କାମୁଡ଼ି ଖାଇଥିଲେ । କିଛି ସମୟପରେ ସେମାନେ ଅନୁଭବ କଲେ ଯେ ତାଙ୍କର ପାଟି ଖଟାଳିଆ ହୋଇଯିବା ସହ ତଣ୍ଟି ପୋଡ଼ିବା ଆରମ୍ଭ ହୋଇଗଲା । ସେମାନଙ୍କୁ ଖାଇବା ପାଇଁ ବହୁତ ଅସୁବିଧା ହୋଇଥିଲା । ଫଳ କାମୁଡ଼ିବାର ଦୀର୍ଘ ଆଠଘଣ୍ଟା ପରେ ସେମାନେ ଭଲ ହୋଇଥିଲେ । ଯଦିଓ ମାନସିନିଲ ଗଛ ମଣିଷ ପାଇଁ କ୍ଷତିକାରକ କିନ୍ତୁ ତାହା ପ୍ରକୃତି ମାଆ ପାଇଁ ବେଶ୍ ଉପକାରୀ । ଏ ଗଛ ମାଟିକୁ ଉର୍ବର ରଖିଥାଏ । କାରିବିଅନ ଲୋକମାନେ ଏ ଗଛର କାଠକୁ ଖରାରେ ଶୁଖାଇ ସେଥିରେ ଥିବା ବିଷକୁ ନଷ୍ଟ କରିଥାନ୍ତି ଓ ସେଥିରେ ଚୌକି, ଟେବୁଲ୍, ବେଞ୍ଚ୍ ଇତ୍ୟାଦି ତିଆରି କରିଥାନ୍ତି । ଏହାସହ ଆମେରିକୀୟ ଲୋକମାନେ ଏ ଗଛର ବକଳକୁ ଶରୀରରେ ହୋଇଥିବା କ୍ଷତ ଠିକ୍ କରିବା ପାଇଁ ବ୍ୟବହାର କରିଥାନ୍ତି ।

# କେଶ ପାଇଁ ଗର୍ବିତ ଯମଜ ଭଉଣୀ



ଅସୁବିଧାକୁ ସୁବିଧାରେ ପରିଣତ କରୁଥିବା ବ୍ୟକ୍ତି ହିଁ ପ୍ରକୃତରେ ବଳୀୟାନ । ବିଭିନ୍ନ ସୋସିଆଲ ସାଇଟ ଓ ଗଣମାଧ୍ୟମରେ ଆଫ୍ରିକୀୟ ଦୁଇ ଯମଜ ଭଗିନୀ କିପାରିୟାନ କ୍ୱାନ ଓଟିକେ ଓ୍ୱଣ୍ଡରଙ୍କ କାହାଣୀ ଖୁବ୍ ଚର୍ଚ୍ଚାରେ ରହିଛି । କିଛି ବର୍ଷ ତଳେ ଦୁହେଁ ନିଜ କେଶକୁ ନେଇ ଖୁବ୍ ଲଜ୍ଜା ଅନୁଭବ କରୁଥିଲେ । ସମୟାନୁକ୍ରମେ ଏହି କେଶ ହିଁ ସେମାନଙ୍କୁ ଆଜି ଲୋକପ୍ରିୟ କରାଇପାରିଛି । ବିଦ୍ୟାଳୟରେ ପଢ଼ିବାବେଳେ ଯମଜ ଭଉଣୀଙ୍କ କେଶ ଏତେ କୁଞ୍ଚୁକୁଞ୍ଚିଆ ଥିଲା ଯେ ସେମାନେ ଏହାକୁ ଭଲଭାବରେ କୁଣ୍ଡାଇ ପାରୁନଥିଲେ କିମ୍ବା ବାନ୍ଧିପାରୁନଥିଲେ । ଘଣ୍ଟାଘଣ୍ଟା ସମୟ ଅତିବାହିତ କଲେ ସୁଦ୍ଧା କେଶର ଯତ୍ନ ଠିକ୍ ଭାବେ ନେଇପାରୁନଥିଲେ । ଏପରିକି ଏହି କେଶ ପାଇଁ ନିୟମିତ ଦୁଇ ଭଉଣୀ କଳି କରୁଥିଲେ । ସେମାନେ ଲମ୍ବା କେଶ ରଖିବାକୁ ଚାହୁଁନଥିବା ବେଳେ ତାଙ୍କ ମା' କେଶ କାଟିବା ସପକ୍ଷରେ ନଥିଲେ । କିଛିମାସ ତଳେ ଅନ୍ତର୍ଜାତୀୟ ସ୍ତରର ଏକ ନାମକରା କେଶସଜ୍ଜା କମ୍ପାନୀର ଜନୈକ କର୍ମଚାରୀ ଏହି ଦୁଇଭଉଣୀଙ୍କ ସଂସ୍ପର୍ଶରେ ଆସିଲେ । ଯମଜ ଭଉଣୀଙ୍କ କେଶର ଘନତା ଓ ଲମ୍ବା ଦେଖି ସେ ଖୁବ୍ ଆକର୍ଷିତ ହେବା ସହ ସେମାନଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିଯୁକ୍ତି ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ । ଯମଜ ଭଉଣୀଙ୍କ ପାଇଁ ଏହା କୌଣସି ବିସ୍ମୟଠାରୁ କମ୍ ନଥିଲା । କାରଣ ସେମାନେ ଘୃଣା କରୁଥିବା କେଶ ହିଁ ସେମାନଙ୍କୁ ଖ୍ୟାତି ଦେଇଥିଲା । ଆଜିର ସମୟରେ ଏ ଦୁଇ ଭଉଣୀ ବିଦେଶୀ ରାଷ୍ଟ୍ରରେ ବେଶ୍ ପରିଚିତ । ଏକ ସାକ୍ଷାତକାରରେ ସେମାନେ କହିଛନ୍ତି, ଈଶ୍ୱରଙ୍କ ଏହି ଚମତ୍କାର ସୃଷ୍ଟିରେ ସବୁକିଛିର ମହତ୍ତ୍ୱ ରହିଛି । ଏହାର ଅନାଦର କରିବା ଅନୁଚିତ ।

ଅନେକ ସମୟରେ ସମସ୍ୟା ସହଜ ସମାଧାନ ହୋଇଥାଏ । ତେବେ ନିଜ

## ମିଠା କଥା

ଜୀବନ ଯନ୍ତ୍ରଣାରେ ଅତିଷ୍ଠ ହୋଇ ଜଣେ ଯୁବକ ଗୁରୁଙ୍କ ଶରଣାପନ୍ନ ହେଲେ । ଗୁରୁ କହିଲେ-ଯାଅ, ମୁଠେ ଲୁଣ ଆଣ । ତତ୍‌କ୍ଷଣାତ୍ ଯୁବକ ପଡ଼ିଶା ଘରକୁ ଯାଇ, ମୁଠେ ଲୁଣ ଧରି ଫେରିଲେ । ଗୁରରୁ ପାଖରେ ପାଣି ଭର୍ତ୍ତି ପାତ୍ରଟିଏ ରଖିଥିଲେ । ସେଥିରେ ଲୁଣତକ ପକାଇ ଚାଖିବାକୁ କହିଲେ । ଯୁବକ ପାଣିକୁ ଓଠରେ ଲଗାଇ ଥୁ ଥୁ କରି କହିଲେ- ଅତି ଲୁଣିଆ । ପାଟିରେ ଲଗାହେଉନି । ଗୁରୁ କହିଲେ-ଯାଅ, ଆଉ ମୁଠେ ଲୁଣ ଆଣ । ଯୁବକ ସେମିତି କଲେ । ଗୁରୁ, ତାଙ୍କ ସାଙ୍ଗରେ ଧରି କିଛି ଦୂରରେ ଥିବା ଗୋଟିଏ ବଡ଼ ପୋଖରୀ ପାଖକୁ ଗଲେ । ସେ ଗୁରୁଙ୍କ ଉଦ୍ଦେଶ୍ୟ କିଛି ବୁଝିପାରୁ ନଥାନ୍ତି । ଗୁରୁ କହିଲେ- ଏଥର ଲୁଣତକ ପକାଇ, ପାଣିର ସ୍ୱାଦଚାଖ । ଯୁବକ ପାଣିରେ ଲୁଣ ପକାଇ ଚାଖି, ପାଣି ମଧୁର ବୋଲି କହିଲେ । ଗୁରୁ ହସି କହିଲେ ତୁମ ମୁଠାରେ ଥିବା ଲୁଣ ଠିକ୍ ଯନ୍ତ୍ରଣା ପରି । ଲୁଣ ଭଳି ଯନ୍ତ୍ରଣାର ପରିମାଣ ସମସ୍ତଙ୍କ ପାଇଁ ସମାନ । କେବଳ ତାହାର ଧରି ରଖିବା ଓ ଅନୁଭବରେ ପରିବର୍ତ୍ତନ ଲୋଡ଼ା । ଛୋଟ ପାତ୍ରରେ ନିରୋଳା ଲୁଣ ରହିବାରୁ ଲୁଣିଆ ଲାଗିଲା । ବଡ଼ ପୋଖରୀର ଅନୁଭୂତ ହେଲାନାହିଁ । ଜୀବନକୁ ଛୋଟିଆ ପାତ୍ରଟିଏ ନକରି ପୋଖରୀ ସଦୃଶ ବୃହତ କର । ଲୁଣ ଭଳି ଯନ୍ତ୍ରଣା ମିଳେଇଯିବ । ଜୀବନ ମଧୁର ଲାଗିବ ।

# ନଡ଼ିଆ ଭାଙ୍ଗି ୱାର୍ଲ୍ଡ ରେକର୍ଡ଼





ଯେକୌଣସି ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନଡ଼ିଆ ଭାଙ୍ଗିବାର ପରମ୍ପରା ରହିଆସିଛି । ସେ ନୂଆ ଗାଡ଼ି କିଣିବା ହେଉ ଅବା ନୂଆ କମ୍ପାନୀ ବା ଠାକୁର ମନ୍ଦିରରେ ପୂଜାର୍ଚ୍ଚନା, ସବୁ ସମୟରେ ନଡ଼ିଆ ଭଙ୍ଗି ଶୁଭାରମ୍ଭ କରାଯାଇଥାଏ । ମନ୍ଦିରମାନଙ୍କରେ ପୂଜା ପରେ ନଡ଼ିଆ ଭଙ୍ଗା ଯାଉଥିବା ବେଳେ ଯଦି ନଡ଼ିଆ ପ୍ରଥମ ଥରରେ ନଭାଙ୍ଗିଲା ତେବେ ତାକୁ ଅଶୁଭ ବୋଲି ମାନନ୍ତି । ଶକ୍ତ ନଡ଼ିଆ ଭାଙ୍ଗିବା ଏତେ ସହଜ କାମ ନୁହେଁ । କିନ୍ତୁ କେରଳର ବାସିନ୍ଦା ପଡ଼ୋମନିକ ଏକ ମିନିଟରୁ କମ ସମୟ ମଧ୍ୟରେ ୧୨୪ଟି ନଡ଼ିଆ ଭାଙ୍ଗି ୱାର୍ଲ୍ଡ ରେକର୍ଡ଼ କରିଛନ୍ତି । ବିନା କୌଣସି ସହାୟତାରେ ଗୋଟିଏ ମିନିଟରୁ କମ ସମୟରେ ନଡ଼ିଆ ଭାଙ୍ଗି ୱାର୍ଲ୍ଡ ରେକର୍ଡ଼ କରିଛନ୍ତି । ତ୍ରିସୁର ସଭା ସିଟି ମଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ରେକର୍ଡ଼ ସୃଷ୍ଟି କରିଛନ୍ତି । ତ୍ରିସୁର ସଭା ସିଟି ମଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ରେକର୍ଡ଼ ସୃଷ୍ଟି କରିଛନ୍ତି । ଏଥି କାର୍ଯ୍ୟକ୍ରମରେ ସେ ଜର୍ମାନର ମୂହମଦ କାହରୀମନୋବିକଙ୍କ ରେକର୍ଡ଼ ଭାଙ୍ଗି ଏହି ରେକର୍ଡ଼ କାୟମ କରିଛନ୍ତି । ଏହା ପୂର୍ବରୁ ଜର୍ମାନୀର କାହାରୀମନୋବିକ ଗୋଟିଏ ମିନିଟରେ ୧୧୮ଟି ନଡ଼ିଆ ଭାଙ୍ଗିଥିଲେ କିନ୍ତୁ ହୋମନିକ ଗୋଟିଏ ମିନିଟରେ ୧୨୪ଟି ନଡ଼ିଆ ଭଶଙ୍ଗି ଗିନିଜ ବୁକ ଅଫ ୱାଲଡ଼ ରେକର୍ଡ଼ ପୃଷ୍ଠାରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇଛନ୍ତି ।



# ହୃତ୍‌ପିଣ୍ଡ ଟିସୁକୁ ସୁସ୍ଥ ରଖିବ ପଲିମର ପ୍ୟାଚ୍

ହୃଦ୍ ଜନିତ ସମସ୍ୟା ପରେ ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ତଥା ସକ୍ରିୟ ରଖିବା ପାଇଁ ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ । ହାର୍ଟ ଟିସୁକୁ କିପରି ଆହୁରି ସକ୍ରିୟ ରଖିହେବ ସେଥିପାଇଁ ଏକ ପ୍ରକାର ପଲିମର୍ ପ୍ୟାଚ ପ୍ରସ୍ତୁତ କରାଯାଇଛ । ଇମ୍ପାରିୟାଲ କଲେଜ ଅଫ ଲଣ୍ଡନର ପ୍ରଫେସର ସିୟାନ ହାର୍ଡ଼ିଙ୍ଗଙ୍କ ତତ୍ତ୍ୱାବଧାନରେ ଏହି ଗବେଷଣା ଚାଲିଥିଲା । ହାର୍ଟ ଆଟାକ ପରେ ଏହାର କାର୍ଯ୍ୟଧାରା ପ୍ରଭାବିତ ହେବା ସହ ତାହା ପୁଣିଥରେ ସାଧାରଣ ଅବସ୍ଥାକୁ ଆସିବାକୁ ସମୟ ଲାଗିଥାଏ । ହେଲେ ହାର୍ଟ ଭିତରେ ଥିବା ଟିସୁ ଗୁଡ଼ିକୁ ଯଦି ଶୀଘ୍ର ସକ୍ରିୟ କରାଯାଇପାରିବ ତେବେ ହାର୍ଟର କାର୍ଯ୍ୟ ଆହୁରି ସକ୍ରିୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି । ତିନୋଟି ତତ୍ତ୍ୱକୁ ନେଇ ଏହି ପଲିମର ପ୍ୟାଚକୁ ପ୍ରସ୍ତୁତ କରାଯାଇଛି । ଏହାକୁ ପ୍ରତିରୋପଣ କରାଯିବା ପରେ ସୁସ୍ଥ ଏବଂ ପ୍ରଭାବିତ ଟିସୁ ମଧ୍ୟରେ ତାହା ସଠିକ୍ ଯୋଗସୂତ୍ର ରଖା କରିଥାଏ ।

# ଅତ୍ୟଧିକ ଖାଦ୍ୟ ଓ ବୁଦ୍ଧିମତ୍ତା



ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ହେଲେ ଏଭଳି ସମୟ ଆସେ ଯେତେବେଳେ ଏହି ଖାଦ୍ୟ ଆମ ପାଇଁ ଚିନ୍ତାର କାରଣ ସାଜିଥାଏ । ଯଦି ଜଣେ ବ୍ୟକ୍ତି ସବୁବେଳେ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହା ଅଜୀର୍ଣ୍ଣ ପରି ସମସ୍ୟା ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ପହଂଚିବା ପୂର୍ବରୁ ସେମାନେ ପ୍ରାୟ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଅତ୍ୟଧିକ ଖାଦ୍ୟ ଯୋଗୁଁ ପ୍ରଭାବିତ ହେଉଥିଲା ବୋଲି ସେମାନେ ଜାଣିବାକୁ ପାଇଥିଲେ । ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ଖାଦ୍ୟ ଖାଆନ୍ତି ତେବେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା କମ୍ ଥାଏ । ଏକାଥରେ ଅଧିକ ଖାଇବା ଅପେକ୍ଷା ନିୟମିତ ସମୟ ବ୍ୟବଧାନରେ ତଥା ଅଳ୍ପ ଅଳ୍ପ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପାକରୀ ସାବ୍ୟସ୍ତ ହୋଇଥାଏ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

# କେଶ ପାଇଁ ପରିଚିତ

ଆଫ୍ରିକାର କିପାରିୟାନା କବାନ ଓ ଟି.କେ.ବଣ୍ଡର ଦୁଇ ଯାଆଁଳା ଭଉଣୀ । ସେମାନେ ଏବେ ସାରା ଦୁନିଆରେ ନିଜର କେଶ ପାଇଁ ଚର୍ଚ୍ଚିତ । ରାସ୍ତାରେ ଯାଉଥିବା ବେଳେ ସମସ୍ତଙ୍କ ନଜର ତାଙ୍କ ଆଡ଼େଥାଏ । କିଛିଦିନ ପୂର୍ବରୁ ସେମାନେ ନିଜ କେଶକୁ ସମସ୍ୟା ବୋଲି ଭାବି ଘୃଣା କରୁଥିଲେ । କାରଣ ସେମାନଙ୍କ କେଶ ଏତେ ଘନ ଓ ବଙ୍କା ଥିଲା ଯେ ସବୁବେଳେ ସିଧା କରିବାକୁ ପଡୁଥିଲା ଏବଂ କିଛି ବି ଷ୍ଟାଇଲ ସେ କରିପାରୁ ନଥିଲେ । କିନ୍ତୁ ପରେ ସେ ନିଜ କେଶ ଷ୍ଟ୍ରେନିଙ୍ଗ କରିବା ବଦଳରେ କେଶ ପ୍ରତି ଧ୍ୟାନ ଦେବା ଆରମ୍ଭ କରିଥିଲେ । ଏବେ ଏହି ଦୁଇ ଭଉଣୀ ନିଜର ସୁନ୍ଦର କେଶ ପାଇଁ ବେଶ ପରିଚୟ ହାସଲ କରିଛନ୍ତି । ଖାଲି ସେତିକ ନୁହେଁ ଇନ୍‌ଷ୍ଟାଗ୍ରାମରେ ବି ଅନେକ ଲୋକ ତାଙ୍କ କେଶରେ ପ୍ରଶଂସା କରିଛନ୍ତି । ସେମାନେ ତାଙ୍କର କିଛି ସାଙ୍ଗଙ୍କ ସହ ମିଶି ଏକ ହେୟାର ବ୍ଲଗ 'ଅର୍ବନ ବୁସ ବେଷ୍ଟ୍'ର ଆରମ୍ଭ କରିଛନ୍ତି । ଆଫ୍ରିକାର ଲୋକମାନଙ୍କ କେଶକୁ କିଛି ଲୋକ ପସନ୍ଦ କରନ୍ତି ନାହିଁ ଓ ମଜାକ ମଧ୍ୟ ଉଡ଼ାନ୍ତି । ଏହି ଦୁଇ ଭଉଣୀ ଏତେ ସୁନ୍ଦର ବି ନୁହଁନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସନ୍ତୁଳନହୀନ ଜଳବାୟୁ...

ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ, ତଦ୍‌ଜନିତ ବିଶ୍ୱ ତାପମାନ ବୃଦ୍ଧି ଓ ଗ୍ରୀଷ୍ମ ପ୍ରବାହ ଯୋଗୁଁ କେବଳ ଧନଜୀବନ ହାନି ହେଉନାହିଁ, ବରଂ କୃଷି, ଅର୍ଥନୀତି ତଥା ସମ୍ପୂର୍ଣ୍ଣ ସମାଜ ବ୍ୟବସ୍ଥା ଉପରେ ମଧ ଏହାର ଗୁରୁତର ପ୍ରଭାବ ପଡୁଛି। ବିଡ଼ମ୍ବନା ହେଲା ମହାବାତ୍ୟା, ପ୍ରଚଣ୍ଡ ରୌଦ୍ର ଆଦି ପ୍ରାକୃତିକ ଦୁର୍ବିପାକଜନିତ ଘଟଣାମାନଙ୍କରେ ବୃଦ୍ଧି ହାର ପୂର୍ବ ଶହେ ବର୍ଷ ତୁଳନାରେ ଏବେ ପ୍ରାୟ ଦଶ ବର୍ଷ ମଧ ଯଥେଷ୍ଟ ଅଧିକ ହୋଇଛି। ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ରକାଶ ପାଉଥିବା ବିଭିନ୍ନ ରିପୋର୍ଟରେ ଆସନ୍ତା ୨୫ ବର୍ଷ ମଧରେ ଭାରତର ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁରୀ ସମେତ ବିଶ୍ୱର ପ୍ରମୁଖ ବଡ଼ ବଡ଼ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ମଧ ଆଶଙ୍କା ପ୍ରକାଶ ପାଇଛି। ଏବେ କିନ୍ତୁ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଆହୁରି ଚିନ୍ତାଜନକ।

ନେଚର କମ୍ୟୁନିକେସନ୍‌ରେ ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁଯାୟୀ ୨୦୦୩ରେ ୟୁରୋପରେ ପ୍ରାୟ ୭୦ ହଜାର ଲୋକଙ୍କ ଜୀବନ ନେଇଥିବା ୪୭.୫ ଡିଗ୍ରୀ ସେଲସିୟସ୍‌ର ସର୍ବାଧିକ ଗ୍ରୀଷ୍ମ ପ୍ରବାହ ଆସନ୍ତା ବର୍ଷ ପୁଣି ସଂଘଟିତ ହେବାକୁ ଯାଉଛି। ସେହିବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଶ୍ୱ ଅର୍ଥନୀତି ୧୩ ବିଲିୟନ ଡଲାରର ଆର୍ଥିକ କ୍ଷତି ସହିଥିଲା ବୋଲି ଅନୁମିତ ହୋଇଥିଲା। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ବିଶ୍ୱ ତାପମାତ୍ରା ୨୦୦୦ ମସିହାରେ ୦.୭ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଥିବା ବେଳେ ୨୦୨୦ ବେଳକୁ ୧.୨ ଡିଗ୍ରୀ ବୃଦ୍ଧି ପାଇଛି। ଚଳିତ ଦଶନ୍ଧି ଶେଷ ବେଳକୁ ବିଶ୍ୱ ତାପମାତ୍ରା ୧.୫ରୁ ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକା। କରିଛନ୍ତି। ଯଦି ସବୁଜ ଗୃହ ବାଷ୍ପ ନିର୍ଗମନକୁ ଯଥାଶୀଘ୍ର ନିୟନ୍ତ୍ରଣ କରା ନ ଯାଏ ତେବେ ଏହି ତାପମାତ୍ରା ୨.୬ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ବିଶ୍ୱବାସୀଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ଏହାର ପ୍ରଭାବରେ ଯେ ବିପୁଳ ଧନଜୀବନ ହାନି ସହିତ ପରିବେଶ, ଶିଳ୍ପ ଓ ଅର୍ଥନୀତି ଗୁରୁତର ପ୍ରଭାବିତ ହେବ ତାହା ନିଶ୍ଚିତ। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଏହି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନିତ ଦୁର୍ବିପାକ ଯୋଗୁଁ ମଧ-ପ୍ରାଚ୍ୟ, ଆଣ୍ଟଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗର ଉପକୂଳ ଅଞ୍ଚଳ, ଦକ୍ଷିଣ-ପୂର୍ବ ଏସିଆ ଓ ଭୂମଧ୍ୟସାଗରୀୟ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହେବ। ଆଗାମୀ ଦିନରେ ସେହିସବୁ ଅଞ୍ଚଳରେ ଜନ ମୃତ୍ୟୁସଂଖ୍ୟାର ୧୦% ଗ୍ରୀଷ୍ମପ୍ରବାହ ଯୋଗୁଁ ସଂଘଟିତ ହେବ। ନିକଟରେ ଜଳବାୟୁ ପରିବର୍ତ୍ତନ ଜନିତ ଆଉ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଭାରତର ଜନସାଧାରଣ ଓ ସରକାରଙ୍କ ପାଇଁ ଚିନ୍ତାଜନକ। ଏହି ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ସବୁଠାରୁ ପ୍ରଭାବଶାଳୀ ଓ ଲୋକପ୍ରିୟ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଗୁରୁତର ପ୍ରଭାବିତ ହୋଇପାରେ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ଏଲ୍‌ନିନୋ ଜନିତ ଚଳିତ ମୌସୁମୀରେ ଅନିୟମିତା ଓ ତା'ର ପ୍ରଭାବ କୃଷି କ୍ଷେତ୍ରରେ ତ୍ୱରିତ ଅନୁଭୂତ ହୋଇଛି। ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବା କୃଷିପ୍ରଧାନ ଅଞ୍ଚଳରେ ସ୍ୱାଭାବିକଠାରୁ ବହୁ କମ୍ ବର୍ଷା ଯୋଗୁଁ କେତେକ ସ୍ଥାନରେ ତଳି ରୁଆ ହୋଇପାରିନଥିବା ବେଳେ ଆଉ କେତେକ ସ୍ଥାନରେ ବିହନ ଆଦୌ ଗଜା ହୋଇପାରିନାହିଁ। ଅପରପକ୍ଷରେ ଆବଶ୍ୟକ ନଥିବା ଅଞ୍ଚଳରେ ବହୁଳ ବୃଷ୍ଟିପାତ ଯୋଗୁଁ ତଳି ନଷ୍ଟ ହୋଇଯାଇଛି ଏବଂ ବନ୍ୟା ବିପ୍ୱାତ, ଭୂସ୍ଖଳନ ଆଦି ଦେଖାଦେଇଛି। ତେଣୁ ଚଳିତ ବର୍ଷ ଦେଶର ଅନେକ ସ୍ଥାନରେ ଖରିଫ୍ ଚାଷ ଉଜୁଡ଼ି ଯିବା ଏକପ୍ରକାର ନିଶ୍ଚିତ ବୋଲି କୃଷି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଅସ୍ୱାଭାବିକ ଜଳବାୟୁର ପ୍ରଭାବ କିନ୍ତୁ ଯଥେଷ୍ଟ ପୂର୍ବରୁ ଭାରତର କୃଷି କ୍ଷେତ୍ର ଓ ଶସ୍ୟଭଣ୍ଡାର ଉପରେ ପଡ଼ିସାରିଛି। ଗତମାସ ତୁଳନାରେ ଚାଉଳ ଦାମ ୩% ବୃଦ୍ଧି ପାଇଥିବା ବେଳେ ଏହା ଗତ ବର୍ଷ ତୁଳନାରେ ୧୧.୫% ବୃଦ୍ଧି ପାଇଛି। ଦେଶର ଖାଦ୍ୟ ନିରାପତ୍ତା ଯୋଜନାରେ ଚାଉଳ ଓ ଗହମ ମୁଖ୍ୟ ଭୂମିକା ନିର୍ବାହ କରୁଥିବାରୁ ଘରୋଇ ଚାହିଦା ମେଣ୍ଟାଇବା ପାଇଁ କେନ୍ଦ୍ର ସରକାର ସମ୍ପ୍ରତି ଅଣବାସୁମତି ଚାଉଳ ଓ ଗହମ ରପ୍ତାନି ଉପରେ କଟକଣା ଜାରି କରିଛନ୍ତି। କେବଳ ଧାନ ଓ ଗହମ ଭଳି ଖାଦ୍ୟ ଶସ୍ୟ ନୁହେଁ, ଏବେ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ପନିପରିବା ଦାମ ମଧ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଟମାଟୋ ଦାମ କିଲୋ ପିଛା ଗତ ସପ୍ତାହ ପର୍ଯ୍ୟନ୍ତ କେତେକ ସ୍ଥାନରେ ୨୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ସେଥିରେ ହ୍ରାସ ଘଟିଛି। ଚାଉଳ, ଅଟା, ଟମାଟୋ, ଅଦା, କଞ୍ଚା ଲଙ୍କା, ମସଲା ଆଦିର ମହଙ୍ଗା ମାଡ଼ର କ୍ଷତ ନ ଲିଭୁଣୁ ଏବେ ପୁଣି ଥରେ ପିଆଜ ଖାଉଟିଙ୍କୁ କନ୍ଦାଇବାକୁ ପ୍ରସ୍ତୁତ ହେଉଛି। ଅବଶ୍ୟ ପିଆଜର ଭାଉ ମଝିରେ ମଝିରେ ଅସ୍ୱାଭାବିକ ଭାବେ ବଢ଼ିବା ଭାରତରେ ନୂଆ ନୁହେଁ। ଏପରିକି ଅତୀତରେ ପିଆଜର ଏଭଳି ଅଭାବନୀୟ ସ୍ଥିତି ରାଜନୀତିକୁ ମଧ ପ୍ରଭାବିତ କରିଛି। ପନିପରିବାର ଓ ଖାଦ୍ୟ ଦ୍ରବ୍ୟର ଅତ୍ୟଧିକ ମୂଲ୍ୟ ହ୍ରାସ ଚଳିତ ବର୍ଷର ଅନିୟମିତ ବର୍ଷା ଓ ପାଣିପାଗ ବିପର୍ଯ୍ୟୟ ଯୋଗୁଁ ମଧ ସୃଷ୍ଟି ହୋଇଛି ବୋଲି ବିଶେଷଜ୍ଞମାନଙ୍କ ମତ।



## କ୍ରୀଡ଼ା ଓ ଜାତୀୟତା

### ବାଦଲ ଭୂୟାଁ

ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି । ଧ୍ୟାନଚାନ୍ଦ ଜଣେ ମହାନ ଜାତୀୟବାଦୀ ଓ ଜାତିକ୍ରମରେ ଉଦ୍‌ବୃଦ୍ଧ ବ୍ୟକ୍ତିଥିଲେ । ଜାତୀୟତା ଭାବପ୍ରସାରଣରେ କ୍ରୀଡ଼ା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ ଏହାକୁ ମର୍ମେ ମର୍ମେ ଅନୁଭବ କରି ହକି ଖେଳକୁ ଜାତୀୟ ଭାବନା ଓ ପ୍ରାଣର ସ୍ପନ୍ଦନରୂପେ ଉଦ୍‌ଜୀବିତ କରିପାରିଥିଲେ । ଧ୍ୟାନଚାନ୍ଦଙ୍କ ଦେଶାତ୍ମବୋଧର ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି ଯେ, କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି, ଯାହା ପ୍ରତ୍ୟେକ ବ୍ୟକ୍ତିକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ ଓ ବିଭିନ୍ନ ଜାତି ସମ୍ପ୍ରଦାୟ ମଧରେ ସଦ୍‌ଭାବନାର ଏକ ସଂଯୋଗ ସେତୁ ଭାବେ କାର୍ଯ୍ୟ କରେ । କୁହାଯାଏ ଯୁଦ୍ଧ ବ୍ୟତୀତ ଆଉ କୌଣସି କଥା ସମଗ୍ର ଦେଶକୁ ଏକତାର ଡୋରୀରେ ବାନ୍ଧି ପାରୁଥାଏ ତାହା ହେଉଛି କ୍ରୀଡ଼ା । ସମ୍ଭବତଃ ସେଥିପାଇଁ ଅଲମ୍ପିକ୍ କ୍ରୀଡ଼ାକୁ ବିନା ଅସ୍ତ୍ରରେ ବିଶ୍ୱଯୁଦ୍ଧର ଆଖ୍ୟା ଦିଆଯାଏ । କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତି ନିଜ ଶକ୍ତି ଓ ସାମର୍ଥ୍ୟକୁ ସତ୍‌ମାର୍ଗରେ ଉପଯୋଗ କରିବା ସହ ଭବିଷ୍ୟତର ସୁସ୍ଥ ଜୀବନ ପାଇଁ ମୂଳଦୁଆ ପକାଇଥାଏ । ଜଣେ ଉନ୍ନତ କ୍ରୀଡ଼ାବିତ୍ ଗଢ଼ିବା ପାଇଁ ପିଲାବେଳୁ ଭିତ୍ତିଭୂମି ପଡ଼ିଥାଏ । କିନ୍ତୁ କ୍ଷୋଭର ପ୍ରସଙ୍ଗ ସରକାରୀସ୍ତରରେ କ୍ରୀଡ଼ାକୁ ସେପରି ପ୍ରୋତ୍ସାହନ ମିଳିନଥାଏ । ଦେଖାଯାଉଛି ପ୍ରତି ବର୍ଷ କ୍ରୀଡ଼ା ବଜେଟ୍‌ରେ ସେପରି କିଛି ପ୍ରୋତ୍ସାହନ ମୂଳକ କିମ୍ବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଯୋଜନା ରହିନଥାଏ।

ପରିତାପର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ କ୍ରୀଡ଼ାକୁ ଆମେ ଜୀବନର ମୁଖ୍ୟ ସ୍ରୋତରେ ସାମିଲ କରିପାରୁନାହୁଁ । ସ୍ୱାଧୀନତା ପୂର୍ବରୁ ଏବଂ ପରବର୍ତ୍ତୀ ଷାଠିଏ ଦଶକ ପର୍ଯ୍ୟନ୍ତ ହକି କ୍ରୀଡ଼ାରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ ଥିଲୁ । ଏବଂ ଏହି ସଫଳତାର ଆଦ୍ୟଜନକ ଥିଲେ ସ୍ୱର୍ଗତଃ ଧ୍ୟାନଚାନ୍ଦ । କୁହାଯାଏ ଯେ, ତତ୍‌କାଳୀନ ଜର୍ମାନର ଏକଛତ୍ରବାଦୀ ଶାସକ ଧ୍ୟାନଚାନ୍ଦଙ୍କର ଅପୂର୍ବ କ୍ରୀଡ଼ା କୌଶଳରେ ଆତ୍ମହରା ହୋଇ ତାଙ୍କୁ ଜର୍ମାନ ସେନାର ସର୍ବୋଚ୍ଚ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ଇଚ୍ଛାବ୍ୟକ୍ତ କରିଥିଲେ । କିନ୍ତୁ ଦେଶପ୍ରେମୀ ଧ୍ୟାନଚାନ୍ଦ ବିନମ୍ରତାର ସହ ଏହି ଉପହାରକୁ ପ୍ରତ୍ୟାଖାନ କରିଥିଲେ । ସଂଯୋଗ ବଶତଃ ସେହିଦିନଟି ଥିଲା ୧.୦୯.୧୯୩୬ ମସିହାର ଅଗଷ୍ଟ ପନ୍ଦର ତାରିଖ ଓ ତାହାର ଏଗାର ବର୍ଷ ପରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତିଲାଭ କରି ସ୍ୱାଧୀନ ରାଷ୍ଟ୍ର ଭାବରେ ପରିଚିତ ହୋଇଥିଲା । ସଂପ୍ରତି ଲୋକପ୍ରିୟ କ୍ରିକେଟ ଖେଳପରି ହକି କିମ୍ବା ଫୁଟ୍‌ବଲ ଖେଳ ସେପରି ଲୋକପ୍ରିୟତା ପାଇପାରୁନାହିଁ । କାରଣ କ୍ରିକେଟ ଖେଳପରି ପ୍ରାଚୀନ ହକି ଖେଳକୁ ସେପରି ପ୍ରୋତ୍ସାହନ ଓ ସମର୍ଥନ ମିଳୁନାହିଁ । ସଂପ୍ରତି ଅଲମ୍ପିକ କ୍ରୀଡ଼ା ଏକ ମହାନ ଗଣଆନ୍ଦୋଳନରେ ପରିଣତ । ପ୍ରତ୍ୟେକ କ୍ରୀଡ଼ାବିତ୍‌ର ମନର କେଉଁ ଏକ ନିବୃତ୍ତ କୋଣରେ ଅଲମ୍ପିକ୍‌ରେ ଏହି ପଦକ ହାସଲ କରିବାର ଦୁର୍ବାର ଆକାଙ୍କ୍ଷା ଲୁଚି ରହିଥାଏ । ଏହାର କାରଣ ହେଉଛି ଏହା ସମଗ୍ର ଜାତି ସମକ୍ଷରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଏହାର ବଳିଷ୍ଠ ଉଦାହରଣ ହେଉଛି ୧୯୬୦ରେ ରୋମ୍ ଅଲମ୍ପିକ ପୁରୁଷ ହକି ଫାଇନାଲରେ ଭାରତ ତାର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ଥାନ ଠାରୁ ପରାସ୍ତ ହୋଇଥିଲା । ସମଗ୍ର ପାକିସ୍ଥାନ ଉତ୍ସବମୁଖର ହୋଇପଡ଼ିଥିବାବେଳେ ଭାରତୀୟଙ୍କ ମନରେ ପରାଜୟର ଗ୍ଲାନି ଛାଇ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୬୪ରେ ଟୋକିଓ ଅଲମ୍ପିକରେ ଏହାର ପ୍ରତିଶୋଧ ନେଇ ଭାରତ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ସେହିପରି ସୋଭିଏତ୍ ଗଣରାଜ୍ୟର ପତନ ହେବାପରେ ଚାଇନା ନିଜକୁ ଆମେରିକାର ସଫଳ ପ୍ରତିଦ୍ୱନ୍ଦ୍ୱୀଭାବେ ଗଢ଼ି ତୋଳିବାକୁ ପ୍ରୟାସ ଜାରି ରଖିଛି । କ୍ରୀଡ଼ାର ସଫଳତା ଏବଂ କ୍ରୀଡ଼ା ବିକାଶ ପାଇଁ ଯାହା ସବୁଠାରୁ ଅଧିକ ପ୍ରୟୋଜନୀୟ ତାହା ହେଉଛି ଏକ ସ୍ୱଚ୍ଛ ଓ ସଂସ୍କୃତି ସମ୍ପନ୍ନ କ୍ରୀଡ଼ା ସଂସ୍କୃତିର ଅଭ୍ୟୁଦୟ । ଯାହାଦ୍ୱାରାକି କ୍ରୀଡ଼ା ଆମ ଜୀବନଧାରାରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ ଯାହାଦ୍ୱାରା ଭାରତ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ । ତେଣୁ ଏ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ଏକ ଗୁରୁଦାୟିତ୍ୱ ରହିଛି ଆମର ଜାତୀୟତା, ଐକ୍ୟବଦ୍ଧତାକୁ ପ୍ରମାଣିତ କରିବାର ପ୍ରକୋଷ୍ଠ ସମୟ ପହଞ୍ଚିଛି କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବା ସହ ବଣମଲ୍ଲୀପରି ପ୍ରତିଭା ଥାଇବି ଛୋଟ ଛୋଟ କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱ ସମସ୍ତଙ୍କର । ଖୁସିର କଥା କିଛି ବେସରକାରୀ ଓ ସମାଜସେବୀ ସଙ୍ଗଠନ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ କ୍ରୀଡ଼ାପ୍ରତି ଶ୍ରଦ୍ଧା ଓ ଆନ୍ତରିକ ରଖିବା ସହ ଶୁଭ କଲ୍ୟାଣ କରିବା ଦାୟିତ୍ୱ ବି ସମସ୍ତଙ୍କର ।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫



## ପିଲାଦିନର କ୍ରୀଡ଼ା

### ବିପିନ ବିହାରୀ ରାଉତ

ଟୋକିଓ ଅଲମ୍ପିକ୍ସ ପରେ ପୁଣି ଥରେ ନୀରଜ ଚୋପ୍ରା ବିଶ୍ୱ ଜାଭେଲିନ ଥ୍ରୋରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହ ଦେଶ ପାଇଁ ରଚିଛନ୍ତି ନୂଆ ଇତିହାସ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ନୀରଜଙ୍କ ଏହି ସଫଳତାରେ କୋଟି କୋଟି ଭାରତୀୟ ଏକ ପ୍ରକାର ଆନନ୍ଦ ଉପଲବ୍ଧି କରିଛନ୍ତି। ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି। ଭାରତ କେଉଁ ଖେଳରେ ବିଶ୍ୱ ଚମ୍ପିଆନ ବୋଲି ପଚାରିଲେ ଚଟ୍ କିନା ଉତ୍ତର ଆସିବ କ୍ରିକେଟରେ। କିନ୍ତୁ ଭାରତ ମଧ କବାଡ଼ି ଖେଳରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ୍। କବାଡ଼ି କଥା ଏଇଥି ପାଇଁ ଆମ ମନକୁ ଆସେନା ଯେ ଏହା ଏକ ଗ୍ରାମୀଣ ଖେଳ। କ୍ରିକେଟ ତ ଏବେ କି ଗ୍ରାମ କି ସହର ସବୁଠାରେ ଲୋକଙ୍କ ମନକୁ ଆଚ୍ଛନ୍ନ କରି ରଖିଛି। କିନ୍ତୁ କ୍ରିକେଟ ପରେ ହକି, ଫୁଟବଲ୍, ଭଲିବଲ୍ ବା ବାସ୍କେଟବଲ ଭଳି ଖେଳ କଥା ଆମେ କହିବା କିନ୍ତୁ କବାଡ଼ିକୁ ଭୁଲିଯିବା। ଗ୍ରାମୀଣ କ୍ରୀଡ଼ା ଭଳି ଗ୍ରାମସ୍ତରର ଖେଳାଳିମାନେ ମଧ ଉଦାସୀନତାର ଶିକାର ହୁଅନ୍ତି। ସତ କହିଲେ ସହର ଅପେକ୍ଷା ଗ୍ରାମରେ କ୍ରୀଡ଼ା ପ୍ରତିଭାଙ୍କ ସଂଖ୍ୟା ଅଧିକ। ଗାଁ ପିଲାମାନେ ସ୍ୱାଭାବିକ ଭାବେ ଖେଳାଳି। କିନ୍ତୁ ସେମାନେ କ୍ୱଚିତ ଜିଲ୍ଲା, ରାଜ୍ୟ ବା ଜାତୀୟ ସ୍ତରକୁ ଉଠନ୍ତି ବା ଲୋକଲୋଚନକୁ ଆସନ୍ତି। ସେଇଭଳି କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବାକୁ ପ୍ରୋତ୍ସାହନ ଦେବାକୁ ତଥା ଗ୍ରାମ ସ୍ତରରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ କରିବା ସକାଶେ ୨୦୦୮ ମସିହାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଛି ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ । ପିୱାଇକେକେଏ ବା ପିକା ଏହି ଅଭିଯାନରେ ୨୦୧୮ ସୁଦ୍ଧା ଭାରତର ଅଢ଼େଇ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ୬୪୦୦ ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବ। ୨୦୧୨ ସୁଦ୍ଧା ଏହି ଅଭିଯାନରେ ୫୧,୭୬୯ଟି ଗ୍ରାମ ପଞ୍ଚାୟତ ଏବଂ ୧୫୩୮ଟି ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇ ସାରିଛି। ଏହି ଅଭିଯାନରେ ଗ୍ରାମ, ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ତରର ଗ୍ରାମୀଣ କ୍ରୀଡ଼ା ଟୁର୍ନାମେଣ୍ଟର ଆୟୋଜନ ସକାଶେ ଶତପ୍ରତିଶତ କେନ୍ଦ୍ରୀୟ ଅର୍ଥ ସାହାଯ୍ୟ ଦିଆଯାଉଛି। ଗ୍ରାମରେ ଖେଳପଡ଼ିଆର ବିକାଶ, ପଞ୍ଚାୟତ ସ୍ତରରେ କ୍ରୀଡ଼ାଶ୍ରୀ ଭାବେ ସମ୍ମାନିତ ଖେଳାଳିମାନଙ୍କ ସକାଶେ ଅର୍ଥ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ତେବେ ଅନେକ ରାଜ୍ୟରେ ଏହି କାର୍ଯ୍ୟକ୍ରମ ପଛରେ ପଡ଼ିଥିବାରୁ ୨୦୨୨ର ଲକ୍ଷ୍ୟ ପୂରଣ ସକାଶେ ପିକା ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ଓ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ସିକିମ ଏକ ଭଲ ଦୃଷ୍ଟାନ୍ତ ଭାବେ ନିଜକୁ ସାବ୍ୟସ୍ତ କରିଛି। ୨୦୦୮ରୁ ୨୦୧୨ ଭିତରେ ସିକିମକୁ ୬.୮୭କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆସାରିଲାଣି। ଗତ ଅଗଷ୍ଟ ମାସରେ ସିକିମ୍ ପାଇଥିଲା ୨.୫୧ କୋଟିର ଅନୁଦାନ। ଏଥିରେ ରାଜ୍ୟର ୭୦ଟି ଗ୍ରାମ ପଞ୍ଚାୟତ ଓ ୩୫ଟି ବ୍ଲକ ପଞ୍ଚାୟତରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିଗତ ବିକାଶ ଅଣାଯିବା ଠାରୁ ଆରମ୍ଭ କରି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ, ଚିହ୍ନଟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜନ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଭାରତର ପ୍ରଦର୍ଶନ ନିରାଶାଜନକ ହୋଇ ରହିଆସିଛି। ଯଦି ଗ୍ରାମୀଣ ସ୍ତରରୁ କ୍ରୀଡ଼ାକ୍ଷେତ୍ରରେ ଭିତ୍ତିଭୂମି ଗତ ବିକାଶ ଓ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଠିକଣା ଭାବେ ପରିଚାଳିତ କରାଯାଏ, ତେବେ ତାହା ନିଶ୍ଚିତ ଭାବେ ଭାରତର ପ୍ରଦର୍ଶନକୁ ଉଚ୍ଚତର ସୋପାନକୁ ନେଇ ପାରିବ। ସେଇ ମର୍ମରେ ପିକା ଏକ ସୁନ୍ଦର ପ୍ରୟାସ। ତେବେ ଲକ୍ଷ୍ୟ ପୂରଣ ସକାଶେ ସବୁ ରାଜ୍ୟ ଆଗଭର ହୋଇ କେନ୍ଦ୍ରର ଏ କାର୍ଯ୍ୟକ୍ରମକୁ ସଫଳ କରିବା ଦରକାର।



ଏହା ସ୍ୱାଭାବିକ କଥା ଦିନ ଥିଲା ବାଗୁଡ଼ି ଠାରୁ ଫୁଟବଲ, କବାଡ଼ି ଠାରୁ ଭଲିବଲ ପରି ଖେଳର ଢ଼େର ଆଦର ଥିଲା। ଯାହାକି ସଂପ୍ରତିର ବସ୍ତୁବାଦୀ ଜୀବନରେ ଆଉ ଦେଖିବାକୁ ମିଳୁନାହିଁ। ବିଦେଶୀ ଖେଳକୁ ସ୍ୱଦେଶୀ ଢ଼ାଞ୍ଚାରେ ପୁରାଇ ବାହାଦୁରି ନେଉଥିବା ତଥାକଥିତ କ୍ରିକେଟ ଆଜି ସମସ୍ତଙ୍କୁ ବାୟା କରୁଥିବା ବେଳେ କ୍ରିକେଟିୟରମାନେ କୋଟିପତି। ଅଭିଯୋଗ ବି ଉଠେ ବିସିସିଆଇ ପରି ଧନାଢ଼୍ୟ କ୍ରିକେଟ ସାମ୍ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିଆଇକୁ ପ୍ରଭାବିତ କରିବାର କ୍ଷମତା ରଖିଛି। ଏହି ଲେଖକ କ୍ରିକେଟ ଖେଳକୁ ଅବମାନନା କରୁନି କିନ୍ତୁ କ୍ରିକେଟ ପାଇଁ ବିତୁଥିବା ସମୟ ଓ କ୍ରିକେଟ ପାଇଁ ଖଟୁଥିବା ପୁଞ୍ଜି କେଉଁ ରାଜସ୍ୱରୁ ଯାଉଛି ତାହା ସହୃଦୟ ପାଠକମାନଙ୍କୁ ଜଣାଗାଁର ଖେଳାଳୀଟି ଦିନେ ଯେ ତେନ୍ଦୁଲକର କିମ୍ବା ସାନିଆ ମିର୍ଜା ନହେବ କିଏ ବା କହିବକିନ୍ତୁ ନାଁ ସେମାନଙ୍କୁ ପ୍ରୋତ୍ସାହନ ଥାଏ ନାଁ ସେମାନଙ୍କୁ ସହଯୋଗ। ପଙ୍କରୁ ପଦ୍ମ ଫୁଟେ କିନ୍ତୁ ବଣମଲ୍ଲୀ ପରି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବା ସୁଯୋଗ ନଥାଏ। ତେବେ ଗଣମାଧ୍ୟମକୁ ଧନ୍ୟବାଦ କେବଳ ଗଣମାଧ୍ୟମ ଦ୍ୱାରା ହିଁ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବାରେ ସକ୍ଷମ ହୋଇ ସେମାନଙ୍କ ପ୍ରତିଭା ପ୍ରତିଭାତ ହୋଇପାରିଥାଏ। ଦିନକୁ ଦିନ ବ୍ୟସ୍ତବହୁଳ ବସ୍ତୁବାଦୀ ସମାଜରେ ଗାଁ ଜୀବନ ଓ ଗାଁରେ ପ୍ରତିଭା ଥାଇ ବି ଖେଳାଳୀଟିକୁ ପ୍ରାୟତଃ ଅଣଦେଖା କରାଯାଏ। ଦିନଥିଲା ଏହି ଲେଖକ ପିଲାଦିନରେ ଗାଁ ସାଥିମାନଙ୍କୁ ନେଇ ଭଲି ବଲ ଠାରୁ ବାଗୁଡ଼ି, ଫୁଟ୍‌ବଲ ଠାରୁ ଲଙ୍ଗଜମ୍ପ ଓ ହାଇଜମ୍ପରେ ସାମିଲ ହେଉଥିଲିନ୍ତୁ ଆଜିର ସମୟରେ ସେହି ପ୍ରତିଭା ମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ତେଣୁ ଗାଁର ଖେଳକୁ ପ୍ରୋତ୍ସାହନ ମିଳୁ ଖେଳାଳୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଭାରତରେ ଅନେକ ସଚିନ୍ ତେନ୍ଦୁଲକର ହୁଅନ୍ତୁ ବା ଲେଣ୍ଡର ପାଏସ୍ ସୃଷ୍ଟି ହୋଇପାରିବେ ଆଉ ଯେଉଁମାନେ ସେହି ସଚ୍ଚିରାଉତରାୟଙ୍କ କାହାଣୀ ପରି 'ଛୋଟ ମୋର ଗାଁ ଟିର' ତେନ୍ଦୁଲକର ନପାଲଟିବେ ତାହା କିଏ ବା କହିବ

+ଶ୍ରୀବିହାର କଲୋନୀ, କଟକ,
ମୋ : ୯୪୩୭୬୬୬୪୫୩




## ବୁଝି ବି ଅବୁଝା

### ନିରଞ୍ଜନ ସାହୁ

ତୁମକୁ କହିଲେ ତୁମେ ବୁଝନାହିଁ
ବୁଝି ବି ପାରିବ ନାହିଁ
ଅବୁଝା ହୋଇକି ଯିଏ ଚାଲିଗଲା
ସିଏ ବା ବୁଝିବ କାହିଁ ?

ଦରଦୀ ବନ୍ଧୁଟେ ସମଦୁଃଖୀ ସାଜେ
ସେମିତି ତ ତୁମେ ନୁହଁ
ସ୍ୱାର୍ଥ ସରିଗଲେ ଅତି ସହଜରେ
ବୁଲାଇ ଦିଅ ତ ମୁହଁ

ଆପଣାର ପରି ଅଭିନୟ କର
କାମେ ଜଣାପଡେ ତା ହିଁ ।

ମଣିଷ କେମିତି ବହୁରୂପୀ ସାଜି
ଅଭିନୟ କରିପାରେ
ଅନ୍ୟ ଜୀବନକୁ ନଷ୍ଟ କରିଦେଇ
ଛଟପଟ କରି ମାରେ
ସର୍ବଦା ଅନ୍ୟର ଅମଙ୍ଗଳ ହେଉ
ରହଇ କିପରି ଚାହିଁ ?

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଚା' ଖଟିରେ କବିତା

### ବୃନ୍ଦାବନ ଦାସ

କବିତାର ଧାର୍ ଧାରୁ ନଥିବା
ଟୁକୁ ଓରଫ୍ ସଞ୍ଜିତ୍ ଦାସ
କପରେ ଚା' ଢାଳୁ ଢାଳୁ
ବୁଝୁ କି ନବୁଝୁ ଗରମ ବାମ୍ଫରେ
ଦେଖୁଥାଏ
କବିତା ପରି କିଛି
ପାଖରେ ବସିଥାନ୍ତି କବି ପ୍ରେମାନନ୍ଦ ।

ଜଗାଦାସକୁ ସାକ୍ଷୀରଖି
ପ୍ରେମାନନ୍ଦ ତାଙ୍କ କବିତାରେ ଫୁଟାନ୍ତି
ସାତଭାୟାର ଚରିତ୍ର ସବୁଙ୍କୁ
ସିଏ ବୁଢା ସନ୍ଧିରେ
ମୁହଁ ମାଡି ପଡିଥିବା
ବିଦା ମଳିକ ହେଉ କି
ନିଶୂନ୍ ରାତିରେ
ବଙ୍ଗାଳି ଡାକ୍ତର ସଙ୍ଗେ
ଫେରାର୍ ସର ଅପା ।

ସହରର ହୃଦୟ ତିନିମୁହାଁଣୀରେ
ସନ୍ଧ୍ୟା ନଇଁଲା ବେଳକୁ
ଟୁକୁ ଟି ଷ୍ଟଲରେ
ଏବେ ଏବେ ଆସି ବସିଥାନ୍ତି
'ସାତଭାୟା'ର କବି
ଧୀରେ ଧୀରେ ଗଡୁଥାନ୍ତି
ଶ୍ରୀଧର ଅଜୟ
ଚଟିପୋଲ ସେପଟୁ
ରାମସାହୁ ଷ୍ଟାଇଲର
କବିତା ଭଜି ଭଜି
ହଲି ହଲି ଆସୁଥାଏ ରଞ୍ଜନ ବାଇ
ସବାଶେଷରେ ନନ୍ଦସାର।

ଟିକେ ହାଲକା ହେବାର
ଅନୁରାଗ ହିଁ
ଟାଣେ ଚା' ଖଟିକୁ
ଯୋଡେ ସମ୍ପର୍କକୁ ।

ଭୋଦୁଅ ଆକାଶରୁ ଝରୁଥାଏ
ତୁହାକୁ ତୁହା ସରୁ ବର୍ଷା
ପେଟ ଚାଖଣ୍ଡକ ପାଇଁ କି ଖରା କି
ବର୍ଷା କି ଶୀତ
ଚା' ବାମ୍ଫରେ
ଏକ ସମୃଦ୍ଧ ସମୟର ଚିତ୍ର ଆଙ୍କୁଥାଏ
ଚା'ବାଲା ଟୁକୁ ଓରଫ ସଞ୍ଜିତ ଦାସ।

ପ୍ରେମାନନ୍ଦକୁ ବେଢ଼ି ବସିଥାଆନ୍ତି
ଶବ୍ଦ ପ୍ରେମରେ ଉବୁଟୁବୁ କେଇଜଣ
ଧାଁ' ଦୌଡ ଯିବା ଆସିବା ଭିତରେ
ସାରା ସହରର ଦୁଃଖ ବି
କେତେବେଳେ ଆସି ଛିଡା
ହୋଇଥାଏ
ଢିଙ୍କିଠୁ ଢେଙ୍କାନାଳ
ଅସରା ଗପ ମଝିରେ ।

ଆଜି ଏଠି ତ' କାଲି ସେଠି
ଚା' ଖଟିର ଠିକଣା ନଥାଏ କିଛି
ଖଟି କ୍ରମଶଃ କବିତାମୟ
ହେଲା ବେଳକୁ
ଟୁକୁ ବଢେଇ ଦେଉଥାଏ
ଗରାକି ହାତକୁ
କପ୍ ପରେ କପ୍
କବିତାରେ ଗପ ବଢଉଥାଏ
ପାଦ ଆଗକୁ
ଚା' ଦୋକାନି ଟୁକୁ
ବୁଝୁ କି ନବୁଝୁ ଭାବୁଥାଏ
କବିତା ବୋଲି କିଛି ଅଛି ।

+ଅଧ୍ୟାପକ , ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

## ପ୍ରେମ ଚିରନ୍ତନ

### ସୁନନ୍ଦା ମହାନ୍ତି

ପ୍ରେମ ପାଇଁ ଆୟୁଷ ନିଅଣ୍ଟ
ଏତେ କାଣ୍ଟଛାଣ୍ଟ ଭିତରେ
ବୟସ ଥାଏ ସମୟ ନଥାଏ
କେବେ ସମୟ ଥିଲେ ଆୟୁଷ ନଥାଏ
ସମୟକୁ ଆୟୁଷ
କୁହାଯାଇପାରିବ କି ନା
ବୟସକୁ ସମୟ
କୁହାଯାଇପାଇବକି ନା
ଉତ୍ତର ହଁ
ପରିସ୍ଥିତି ପରିବେଶ
ସ୍ଥିତି ଅବସ୍ଥିତି ଭିତରେ
ପ୍ରେମ ହୁଏ ଅନେକ ଥର
କୃଷ୍ଣଚୁଡା ଫୁଲକୁ ଚୁମ୍ବନ ଦେଇ
ଗୋଲାପକୁ ଆଲିଙ୍ଗନ କରିବାରେ
ବୟସ କି ସମୟ ନୁହେଁ
ଆୟୁଷ ସରିଯାଇଥାଏ
ପ୍ରେମ ଅମଳିନ ପ୍ରେମ ଶାଶ୍ୱତ
ପ୍ରେମ ଗୀତା ଭାଗବତ
କେବେ ହୁଏ କା ସଙ୍ଗେ ବିଧି ନିର୍ଦ୍ଦିଷ୍ଟ
ଏମିତିରେ ମାନବୀୟ ପ୍ରେମ ଉର୍ଦ୍ଧରେ
ଭଲପାଏ ସମୟ ସାଥେ ବୟସ
ହେବାଯାଏ
ଆୟୁଷ ଶେଷ ଯାଏଁ
ଏହିତ ନିର୍ଯ୍ୟାସ
ଭୀଷ୍ମଙ୍କ ଶରଶଯ୍ୟା
ରାମଙ୍କ ବନବାସ
ଦୁର୍ଯ୍ୟଧନଙ୍କ ରକ୍ତ ନଦୀ ସନ୍ତରଣ
ସମୟ ଭିତରେ ଆୟୁଷର ବୟସ
ଆୟୁଷ ସାଥିରେ ସମୟର ଶେଷ
ପ୍ରେମ ହେଲା କୃଷ୍ଣଙ୍କ ସଙ୍ଗେ
ମାଆ ଗାନ୍ଧାରୀ ବି ଚାହିଁଲେ
ଅନ୍ଧପୁଟୁଳି ଖୋଲି
ଥରେ ଦେଖିବେ ସମୟର ଦ୍ୱେଷ
ବୟସର ସ୍ପର୍ଶ
ଆୟୁଷର ଦୀର୍ଘାଶ୍ୱାସ
ସେତକ ବି ପ୍ରେମରେ ପ୍ରେମରେ
ପ୍ରେମୀ ଦେଲା ଖାଲି ହତାଶ
ଅବଶୋଷ
ତଥାପି ଗାନ୍ଧାରୀ ଡାକୁଥିଲେ
ହା କୃଷ୍ଣ ହା କୃଷ୍ଣ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୯ ଅଗଷ୍ଟ, ମଙ୍ଗଳବାର, ୨୦୨୩

# କବିତାମାଳା

## ବାୟାରାଜା
### ସୁରଞ୍ଜନ ପାତ୍ର



ପ୍ରଥମ ଥର ଯେ ସକାଳ ଦେଖୁଛି ବାୟାରାଜାର ଗଡ଼
ସିଂହାସନ ଯହିଁ ଶୂନ୍ୟ ପଡ଼ିଛି ଆବୋରି ନୀରବ ଝଡ଼
ଭୋର ମୋତିର କାନଫୁଲ ସ୍ୱର ବାଜୁନି କବିର କାନେ
ନିଃଶବ୍ଦ ପୃଥିବୀ ଡାକୁଅଛି ଲୁହ ବିଷାଦର ବାତାୟନେ।।

ଲାଗୁଛି ଯେମିତି ଶରଶଯ୍ୟାରେ ଶୋଇଗଲା ଗୋଟେ ଜାତି
ତିନିକୋଣିଆର ଅୟୁତ ଯନ୍ତ୍ରଣା କରତି ଦିଅଇ ଛାତି
ଶତାବ୍ଦୀର ସୂର୍ଯ୍ୟ ଲାଗୁଛି ଯେମିତି ନିମିଷକେ ଗଲା ଟଳି
ଚନ୍ଦ୍ରଭାଗାର ପୂର୍ଣ୍ଣଚନ୍ଦ୍ରକୁ ଅମାବାସ୍ୟା ଦେଲା ଗିଳି।।

ବାଉଁଶ ପତରୁ ଝରୁଥିବା ଲୁହ କିଏ ସିଏ ପୋଛି ଦେବ
କିଏ ସେ ଲେଖିବ ମାଟିର କବିତା ବାରବାଟୀ ବଇଭବ

ମୁକୁଟ ବିହୀନ ସମ୍ରାଟ ଆଜି ଚାଲି ଗଲ କାହିଁ ଦୂରେ
ହଜାରେ ଶୂନ୍ୟତା ତୁମେ ଗଲାପରେ ଦହଗଞ୍ଜେ ଏଠି ମାରେ ।

ଯେତେ ଦିନ ଥିବ ଏ ସୁନ୍ଦର ଧରା ତୁମେ ଥିବ ବାୟାରାଜା
ହୃଦୟର ଏଇ ଶବ୍ଦ ବେଢ଼ାରେ ନିତି ପାଉଥିବ ପୂଜା ।

♥ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର ବାଲେଶ୍ୱର- ୭୫୬୦୪୫
ମୋ- ୮୧୧୭୮୦୫୯୫୯

## ଅନ୍ତିମ ବିନ୍ଦୁ
### ପ୍ର.ଗିରିଜା ଶଂକର ଶର୍ମା



କାହାକୁ ଅପେକ୍ଷା କରିଛ ?
ଆସ ତାରାମାନେ ଶୋଇବାକୁ ଗଲେଣି
ଧିରେ ଧିରେ ରଂଗୀନ ହେଲାଣି ଆକାଶର
କାନଭାସ୍ ।
ପକ୍ଷୀମାନେ ବି ଉଚ୍ଚାଟିତ ହେଲେଣି ।
ଆସ ସମସ୍ତଙ୍କୁ କହିଦେବ, ଯେ ଯାହାର
କାମରେ ଲାଗିବେ,
କେହି ଅପେକ୍ଷା କରିବେନି କାହାକୁ ।

ଏଠି କିଏ କାହାକୁ ଚିହ୍ନନ୍ତିନି
ନିଜର ପରିଚୟ ରଖି ଦେଇଥାନ୍ତି ଗଛର
କୋଟରରେ ।
ମାଂକଡ଼ଟି ଯେମିତି ରଖିଥାଏ ତାର କଲିଜା
କୁମ୍ଭୀର ଖୋଜିବା ବେଳେ ମାଂକଡ଼ ନଥାଏ
ପାଖରେ ।
ଏ ଖେଳ ତ ଚାଲିଛି କେଉଁ କାଳରୁ
ଏଥିରେ କିଛି ନୂଆ ନାହିଁ ।

ଜୀବନ ଗୋଟେ ଅନିର୍ଦ୍ଦିଷ୍ଟ ଯାତ୍ରାର ନାମ

ଏ ଯାତ୍ରା ଆରମ୍ଭ ହୁଏ ଗୋଟିଏ ବିନ୍ଦୁରୁ
ଆଉ ଗୋଟିଏ ବିନ୍ଦୁକୁ ଯୋଡ଼ିବା ପାଇଁ ।
ଏ ରାସ୍ତାରେ କେତେ କଣ୍ଟା ଝଂଟା, ନଈନାଳ,
ପାହାଡ଼ ପର୍ବତ,ମାଟି ପଥର, ସମତଳ
ବଂଧୁର, ଆଲୁଅ ଅନ୍ଧାର
ସମସ୍ତଙ୍କୁ ଡେଇଁ ଯିବାକୁ ହୁଏ ।
ଶେଷ ବିନ୍ଦୁ ଆସୁ ଆସୁ
ପକ୍ଷୀ ଯାଇ ବସିଥାଏ ଡାଳରେ ।
ତାପରେ ହିସାବ ନିକାଶ ।
କେବେ ଆସିଲ, କେବେ ଗଲ,
କଣ କଲ କଲ ନକଲ
କେତେ ପୁରସ୍କାର, କେତେ ତିରସ୍କାର

ତୁମ ଯାତ୍ରାର ଶେଷରେ
କେହି କୁଆଡ଼େ ନଥାନ୍ତି, ଥାଏ ଖାଲି
କୋମଳ ଅଂଧାର
ଦୂରରେ ଦିଶେ ଗୋଟେ ଅସ୍ପଷ୍ଟ ଛାଇ ।
ମଉଁଷି ପିଠିରେ
କିଏ ସବାର ହୋଇଥିବା ଦୃଶ୍ୟ
ଅଂଧାରରେ ରାସ୍ତା କଢ଼ଉଥାଏ
ଟର୍ଚ୍ଚର ଆଲୁଅ ।

ଯିବା ଆଗରୁ ଜାଣି ହେଲାନି,
କେତେ କାମ ରହିଗଲା ।
ଛାର ପବନ ବି ଅପେକ୍ଷା କଲାନି ।
ଟିକେ ରହି ନଥାନ୍ତା ।
ଶେଷ ବିନ୍ଦୁକୁ କେହି ଖାତିର କରନ୍ତିନି ।
ନା ନିଜର ଶକ୍ତି, ନା ନିଜର ବିଶ୍ୱାସ, ନା
ପାଣି, ନା ପବନ
ନା ଜ୍ଞାନ, ନା ବିଜ୍ଞାନ
ସମସ୍ତଙ୍କୁ ବାଟ ବଣା କରି
ଶେଷ ବିନ୍ଦୁ ମିଳେଇ ଯାଏ କୁଆଡ଼େ
ଜାଣି ହୁଏନା ।

♥ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ଜୟନ୍ତ ସାର କୋଉଠି ତୁମେ ?
### ପଦ୍ମଜା ଶରଣ



ଦେଖିଲେ ବିଶ୍ୱାସ ହେଉନଥାଏ
ସେଇ ଦେହ ଦେଇ ବହି ଯାଇଛି
ଗୋଟେ ଫାଜିଲ୍ ତାରୁଣ୍ୟ
ଗୋଟେ ଗୁରୁଗଂଭିର ବୟସ୍କ ସମୟ
କି ଛୁଇଁ ଫେରି ଯାଇଛି ସବୁରତୁ
ଅନେକ ଥର

ସବୁ ବେଳେ
ଗୋଟେ ଓଦା ଓଦା ଶୈଶବର
ଚାରୁଚିତ୍ରପଟ

ଟଂଗା ହୋଇଛି ଛାତି କାଂଥରେ
ହଳେ ନିରିହ ଆଖିରେ ଅଂକା ହୋଇଛି
ଅନେକ କୌତୂହଳ

ସେ ଗଲେ ଆଉ କୁଆଡେ ଯାଆନ୍ତା !
ଖେଳିବାକୁ, କି ଡଂଗା ଭସାଇବାକୁ ହେଇଥିବ
ନହେଲେ ଅତି ଜୋରରେ ନୀଳକଇଁ
ତୋଳିବାକୁ

ପହଁରୁଥିବ ହଂସପରି ପୋଖରୀରେ

ପାଦ ଚିହ୍ନରେ ପାଦ ଥାପି
ଖୋଜିବା କଥା ଏଠି ସେଠି
ଏତେ ସରଳ ଯେ କୋଉଠି କ'ଣ ଦେଇ
ଯାଇଥିବ ଠିକଣା..!!!

ଏଇତ ଗୋଟେ ଶାଗୁଆ ହସ
ପାଖରୁ କେଉଁଠୁ ଶୁଭୁଛି ....
ଏତେ ମେଘରେ କ'ଣ
ଯାଇ ହେଉଛି ଶବ୍ଦ ବାରି..!!
ମେଘ ଛାଡି ଯାଉ ....
କୋଉଠି ଲୁଚି ପାରିବ...
ଜବାବ୍ ନଦେଇ !!

♥ଯାଜପୁର

## ଚିର ସବୁଜ
### କବିତା ପଣ୍ଡା

ଘନ ଘନ ଆଜି
ବରଷା ବରଷେ
ଅଦିନ ଚମକ ମାରି

ପ୍ରୀତି ରାଜ ମୋର
ପ୍ରେମ ର ପଣତେ
ଦିଏ ମାଦକତା ଭରି

ଗୋଲାପି ପାଖୁଡେ
କଳାଜାଇ ପରେ
ମଧୁମାଖିକାଟି ସାଜି

ତନୁ ମନ ଭରି
ଶୋଷୁଥାଏ ରସ
ନିଜକୁ ଲଗାଇ ବାଜି

ଅମୂଲର ମୂଲ
ସ୍ମୃତି ଚିର କାଳ
ସାଇତି ରଖେ ଯେ ପ୍ରୀତି

ଖୁସିରେ ଖୁସିରେ
ଗାଉଥାଏ କେତେ
ଅଭୁଲା ପ୍ରେମର ଗୀତି।

♥ମଙ୍ଗଳ ପୁର ସୋର
ବାଲେଶ୍ୱର

## ଜୀବନର ପରିଧି
### କଳ୍ପନା ମିଶ୍ର



ପ୍ରେମ ପ୍ରତାରଣା ରହିଛି ରହିବ
ଜୀବନର ପରିଧି ରେ
ଯୁକ୍ତ ଓ ବିଯୁକ୍ତ ଚିହ୍ନ ଦେଉଥିବ
ହୃଦୟର କାଗଜରେ ।

ଭୌଗଳିକ ସ୍ଥିତି ବଦଳି ବି ଯିବ

ଝରଣା ହୋଇବ ନଈ
ଜୀବନ ଅଙ୍କରେ ହରଣ ଗୁଣନ

ସମ୍ପର୍କର ଦ୍ୱାହି ଦେଇ ।

ସମ୍ପର୍କର ପରିଭାଷା ଜାଣିନାହିଁ
ଇତିହାସ ଏବେ ମିଛ
ସାହିତ୍ୟ ସହିତ ଲୁଚକାଳି ଖେଳ
ଜୀବନଟା ନୁହେଁ ତୁଚ୍ଛ ।

♥ହରିପୁର,ସୁକିନ୍ଦା,
ଜିଲ୍ଲା-ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩

## ଭାରି ମନେପଡେ ଆଜି
### ଶରତ ଚନ୍ଦ୍ର ଜାଲି



କେଜାଣି କାହିଁକି ତୋ କଥା ମୋହର
ଭାରି ମନେପଡେ ଆଜି
ସଞ୍ଜ ସକାଳରେ ଭାବୁଛି ତତେ ମୁଁ
ନୀରବ ପ୍ରେମିକ ସାଜି ।

ତୋ ରୂପ ସଜନୀ ନୟନେ ନାଚୁଛି
ନୀଳ ଢେଉ ପରି ସେତ
ହୃଦୟ ମନ୍ଦିରେ ଉଡୁଛି କେବଳ
ତୋ ପ୍ରେମ ପ୍ରଣୟ ନେତ

ଭଲପାଇବାକୁ ବାରବାର କହି
ଅନ୍ତିମେ ହୋଇଲ ରାଜି ।

ଜୀବନ ପାହାଚେ ଚଢି ଆସିଥିଲ
ଯଉବନ ବତୀ ଜାଳି
ସପନ ସଉଦା କିଣି ଆସି ମତେ
କରିଥିଲ ଭାଗ୍ୟଶାଳୀ
ଏକଥା ଜାଣିଛି ତୁମ ଲାଗି ଦିନେ
ଜିତୁଥିଲି ସବୁ ବାଜି ।

ଝଡ ଆସି ସବୁ ଉଜାଡିଣ ଦେଲା
ଭାଙ୍ଗିଗଲା ପ୍ରେମଘର
ନିର୍ଜନ ଦ୍ୱୀପର ରାଜା ମୁଁ ହୋଇଲି
ତୁ ହୋଇଲୁ ସାତପର
ବୀରହ ଅନଳେ ସିଝୁ ଏବେ ମୁଁ
ଦେହପ୍ରାଣ ହୁଏ ଭାଜି ।

♥ଶିକ୍ଷକ
ସରକାରୀ ନୋଡାଲ ଉଚ୍ଚ
ବିଦ୍ୟାଳୟ,କୋଦଳା,ଗଂଜାମ
ମୋ-୮୨୪୯୫୩୪୨୭୪

## ଲୁହର ଅନ୍ୟନାମ ନାରୀ
### ଝରଣା ଦାସ

ସାରା ରାତି କୋହରେ ବତୁରି
ସଜ ସକାଳ ଘାସ ପତର ଧାରେ
ଧୂଳି ଧୁଆଁ ଛୁଇଁ ନ ଥିବା
ଆକାଶ ଆଖି ନିଃସୃତ
ଚକ୍ ଚକ୍ ମୁକ୍ତା ଭଳି
ତୋପେ ଲୁହର ନାଁ କଣ ନାରୀ ?
ତମାମ ଜୀବନ
ଅଣଚାଶ ପବନ ଘେରରେ
ରୁନ୍ଧି ଲା ସମୟକୁ ସାମ୍ନା କରି
ବାଟ ଚାଲୁଥାଏ ଯିଏ

କଲବଲ କରୁଥିବା
ମେଂଚେ କୋହକୁ ଛାତିରେ ଭରି ।
କେଜାଣି କେତେ ଜନ୍ମ
ପାପ ପାରବଧର ଫଳ
ଝିଅ ଜନ୍ମ।
ଉଫ୍ ଗୋଟେ କରିବାକୁ
କା ପାଖେ ଥାଏ ମନ
ନା ବେଳ ।
ଜହ୍ନ ରାତିର ସ୍ୱପ୍ନ ଭିତରେ
ଅମାବାସ୍ୟାରୁ ପୂର୍ଣମାଯାଏ
ଜାରି ରଖିଥାଏ ଦୌଡ଼ ତଥାପି
ଚାରିକଡର କୁହୁଡିକୁ
ବୋଲିହେଇ ଦେହସାରା ।
ମୃତ୍ୟୁ ପାଖକୁ ଆସି
ଛୁଏଁନା ତାକୁ

ଜିଇଁବାକୁ ଦିଏନା ଜୀବନ
ବିନା ଦୋଷରେ ଦୋଷୀ
କର୍ମ କାଣ୍ଡ ବିନା ଚଢୁଥାଏ ଫାଶୀ,
ପାଟି ଖୋଲିଲେ ପ୍ରଳୟ
ଗୋଡ଼ ଘଷିବାକୁ ପଥର
ମଣିଷ ରୂପରେ ପାଲଟି ଯାଇ ମୂର୍ତ୍ତି ।
ନିଉକିଲୟର ଅଣୁ ବିଶେଷ
ଭିତରେ ଭିତରେ ଦାନା ବାନ୍ଧୁଥାଏ
ବୋମା ପାଲଟିଯାଇ
ଫାଟିବାକୁ
ଫାଟିବ ଫାଟିବ ହୋଇ
ବିନା ଅଗ୍ନି ସଂଯୋଗରେ
ଜୁଇ ନିଆଁରେ ଶୋଇ ।

♥କଲ୍ୟାଣ ନଗର, ଅଙ୍ଗାର ଗଡ଼ିଆ,
ବାଲେଶ୍ୱର

## ମନଟା ମନ ତ...
### ବିଶ୍ୱନାଥ କର



ନୀରବତାରେ
କେହି ନଥିବା ବେଳେ ଶୁଭେ ଏଇ କୋଳାହଳ
କୋଳାହଳର ମୃଦ୍ୟୁ ତରଙ୍ଗରେ ନୀରବୀଯାଏ ସବୁ ମୁହୂର୍ତ୍ତ
ବଦଳିଯାଏ ପବନର ବାସ୍ନା
ସହରର ସବୁ ବତି ଲିଭିଯାଏ ଆପେ ଆପେ
କାହାର ବିନା ପ୍ରତୀକ୍ଷାରେ ରାତି ସାଜେ ନିଦ୍ରାହୀନ ।

ଲୋକାଲ୍ ଟ୍ରେନ୍‌ର ସିଟିରେ
କଡ ଲେଉଟାଏ ରାତି
କାଳିସି ଲାଗେ ପବନକୁ
ବିଦ୍ୟୁତ ତାରରେ ଝୁଲୁଥିବା ଛିଣ୍ଡା ଗୁଡି
ସୁଚେଇଦିଏ
ଏଠିବି ସ୍ୱପ୍ନ ଥିଲା ସାତରଙ୍ଗର
ଏଠିବି ଅଦଳ ? ବଦଳ ହେଉଥିଲା ଫୁଲ ପକା ରୁମାଲ୍ ।

ଜହ୍ନ ବି ରୁଷୁଥିଲା
ଆକାଶ ବି କାନ୍ଦୁଥିଲା
କିମ୍ବଦନ୍ତୀ ଗଢୁଥିଲା ମାଟି ଉପରେ ପଡୁଥିବା ଝର ଝର ଲୁହ
କିଛି ଅଚିହ୍ନା ବର୍ଷ
ଧ୍ରୁବତାରାକୁ ଚାହିଁ ଚାହିଁ ହଜେଇ ଦେଉଥିଲା ଠିକଣା
ହଜେଇ ଦେଉଥିଲା ଫଗୁଣ ବାସନା ।

ମନଟା ମନତ
ଝିପି ଝିପି ବର୍ଷାରେ ଭିଜିଯାଏ ଅଜାଣତରେ

କ୍ୟାଲେଣ୍ଡରର ପୃଷ୍ଠା ଓଲଟିଗଲେ ବି
ସେ ଅଟକିଯାଏ ସେଇ ତାରିଖରେ
ମନଟା ମନ ତ
ଯେଉଁଠି ପଥହୁଡେ ସେ ସବୁ ତାର ସ୍ମୃତି ହୋଇ
ଛାତିରେ ଲଟକି ରହେ।

ଯୁକ୍ତାକ୍ଷରର ସବୁ ଛନ୍ଦ
ବେଶ୍ କୋଳାହଳ କୋଳାହଳ କରେ
ଲୋକାଲ୍ ଟ୍ରେନ୍‌ର ସିଟିରେ
ନୀରବ୍ତାରେ
ସହରର ସବୁ ବତି ଲିଭିଯାଏ ଆପେ ଆପେ
ଲଣ୍ଠନ ର ମହଳଣ ଆଲୁଅରେ ନିଦ ଯାଏ ହଜି
ମନଟା ମନ ତ
ନିଜ ଲୁହରେ ନିଜେ ଯାଏ ଭିଜି ।

♥ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର,
କଟକ-୭୫୩୦୦୮
ମୋ: ୯୭୭୬୩୩୨୬୩୯



## କିଏ ଏ ସଂସାରେ ବହୁତ ଦୁଃଖୀ
### ଭାସ୍କର ରାଉତ

ଚାଷ ବାସ ହୀନ ଅଟେ ଯେଉଁ ଜନ
ସଭିଙ୍କ ଠାରୁ ସେ ଖୁସି
ପ୍ରକୃତିର କୋଳେ ସଦା ସେହି ଚଳେ
ଅଟେ ସରଳ ବିଶ୍ୱାସୀ।
ଖରା ବରଷାକୁ ଶୀତ କାକରକୁ
ନଥାଏ ତାହାର ଡର
ବୃକ୍ଷର ଛାୟାରେ ପାହାଡ଼ ଖୋଲରେ
ବିତାଏ ଜୀବନ ତା'ର।
ମଧ୍ୟବିତ୍ତ ଯେହି ଦୁଃଖ କଷ୍ଟ ସହି
ଚଳାଏ ତା'ର ସଂସାର
ସାଧାରଣ ଦୁଃଖୀ ହୋଇ ନିରିମାଖି
ସୁଖ ଖୋଜେ ନିରନ୍ତର।

ସବୁଠୁଁ ସଂସାରେ ବଡ଼ ଦୁଃଖୀଟିରେ
ଆଜିର ନେତା ମନ୍ତିରୀ
ନିର୍ବାଚିତ ହୋଇ କ୍ଷମତା ନଥାଇ
ବୁଲୁଥାନ୍ତି ଘିରି ଘିରି।

ସଚିବଙ୍କ ପାଇଁ ବ୍ୟବସ୍ଥା କରଇ
ସଭା ସମିତିର ପାଇଁ
ମଞ୍ଚରେ ନଥାଇ ବାହାରେ ଘୁରଇ
ସଭାର ସଫଳ ପାଇଁ।
ନୋହିଲେ ଆଗକୁ ଟିକଟ ତାହାକୁ
ଦଳରୁ ମିଳିବ ନାହିଁ
ଦିନ ରାତି ଏକ କରି ଦେଇ ଦେଖ
ଖଟୁଥାଇ ସଦା ସେହି।
ଦେଖି ତାଙ୍କ ଦସା ଉଡ଼ିଯାଏ ହଂସା
ହେବିନି ନେତା ମନ୍ତିରୀ
ମାନବ ଧର୍ମକୁ ପାଳିବି ତାହାକୁ
ଦୁଃଖିଜନ ସେବାକରି।

♥ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
ମୋ: ୯୭୭୬୪୮୬୬୨୮

## ସମୟର ଲଜ୍ଜା
### ଆନନ୍ଦ କୁମାର ମାଇତି



ପ୍ରତିଦିନ, ଏକ ଦୁର୍ଲଭ ମୁହୂର୍ତ୍ତରେ ବି
ପ୍ରତିଶ୍ରୁତି ଦେଇଥିବା ମଣିଷ
ଏକ ବିଶେଷ ମୁହୂର୍ତ୍ତରେ ବଦଳି ଯାଇ
ପାଲଟି ଯାଏ ଗୋଟେ ବେଇମାନ୍।

ଆଜି ସକାଳେ ପ୍ରତିଶ୍ରୁତି,
ସେ ତୁମକୁ ଦେଇଥାଉ ଅଥବା ତୁମେ ତାକୁ
ଠିକ୍, ଖରା ଟାଇଁ ଟାଇଁ ବାଜିଲେ ନିଜ
ମୁଣ୍ଡରେ
ବଦଳି ଯାଏ ସବୁ ବିଶ୍ୱାସ
ମିଥ୍ୟା ଆଉ ଆଶ୍ୱସ ହୋଇ।

ଯେଉଁ ଶ୍ରାବଣୀୟା ଝିଅଟି ୧
ସଇ ଆଶଡ଼ିଆ ପୁଅକୁ
ଭଲପାଏ ଭଲପାଏ ବୋଲି
ଚିତ୍କାରରେ କମ୍ପେଇ ଦେଇଥିଲା ଭୂ-ପୃଥ୍ୱୀ

ସେ ସାୟାହ୍ନକୁ ଫିସ୍ ଫିସ କରେ
ସେଇ କଥା
ଆଉ କାହାକୁ।

ମଣିଷ ମାନେ ଏଠି ହୁଏତ ବେଇମାନ୍
ନୁହେଁ
ସମୟ ସବୁ ଏଠି ଅପମାନ ଦିଏ
ବେଇମାନଙ୍କୁ।

♥ଏରସମା, ଜଗତସିଂହପୁର
ମୋ ୯୪୩୯୦୭୭୩୯୫

## ତିନୋଟି ମିନି କବିତା
### ବର୍ଷାରାଣୀ ମହାମଲ୍ଲିକ



ମୁଁ ମୁଁ କରି ତ ଜୀବନ ସାରିଦେଲି
ଗର୍ବ ଅହମିକାରେ ସନ୍ତରଣ କରୁକରୁ
ଗର୍ବ ମତେ ଢାଙ୍କିନେଲା ତା ଶକ୍ତ
ଚାଦରରେ
ମୁଁ ବୁଡ଼ିଗଲି ସେହି ସମୁଦ୍ରରେ...

ତମେ
ତମେ ଆସିଲ ମୋ ବିନା ଅନୁମତିରେ
ଅଧିକାର ବାଛିନେଲ ମୋ ସତ୍ତା ଉପରେ
ସଙ୍ଗେ ଆଣିଥିଲ ଲୁହ, ହସ, ଛଳନା..
ମତେ ବୋଧେ ବେଶୀ ଲୁହ ଭଲ ଲାଗିଲା
ପିଆଇ ଚାଲିଲ ବଦାନ୍ୟ ବ୍ୟକ୍ତି ଭଳି
ମୋ ବାରମ୍ବାର ବାରଣ ସତ୍ତ୍ୱେ...

ଏଥରକୁ..
ଜୀବନ ମତେ କହିଥିଲା ଏଥରକୁ ଶାନ୍ତି
ନେଇଯିବି
ତମେ ଖୁବ ଅଶାନ୍ତିରେ ଅଛ
ଏଥର ଆସିଲା ପରେ କିନ୍ତୁ ସେ ଖୁବ୍
ଗମ୍ଭିର ଥିଲା
ପରେ ଜାଣିଲି ଏଥରକ ସେ ସାଥିରେ
ମୃତ୍ୟୁ ନେଇ ଆସିଥିଲା।

♥ଜିଲ୍ଲା :ବରଗଡ଼
ମୋ: ୮୨୬୦୬୫୯୩୩୨

# ରୋଟାରି କ୍ଲବ ପ୍ରାଇଡ ଜୟପୁରର ଅଧିଷ୍ଠାନ ଉତ୍ସବ

ଜୟପୁର, ୨୮/୦୮ (ନି.ପ୍ର): ଜୟପୁର ରୋଟାରି କ୍ଲବ ପ୍ରାଇଡର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି, ଏସଡିପିଓ ହରିଶ ବିସି, ସଭାପତି ଅଶୋକ ମିଶ୍ର, ସମ୍ପାଦକ ସୁରେଶ ପାଣିଗ୍ରାହୀ ମଂଚାସିନ ଥିଲେ । ପୁରୁଣା ସଭାପତି ରାମନାଥ ସାହୁ ଓ ସମ୍ପାଦକ ପ୍ରଦିପ ସାମନ୍ତରାୟ ନୂତନ ସଭାପତି ଓ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡା ରୋଟାରି ମେମ୍ବର, ମାଲକାନଗିରି ରୋଟାରି ମେମ୍ବର, ଜୟପୁର ରୋଟାରି କ୍ଲବ ମେମ୍ବର, ଲାୟନ୍ସ କ୍ଲବ, ନାଗରିକ କମିଟିର ସଦସ୍ୟାଙ୍କ ସହ ଅନ୍ୟ ଅନୁଷ୍ଠାନର ସଦସ୍ୟ ମାନେ ଉପସ୍ଥିତ ଥିଲେ । ରୋଟାରି କ୍ଲବ ପ୍ରାଇଡର କସ୍ତୁରି ରଥ ସଙ୍ଗିତ ପରିବେଷଣ କରିଥିବା ବେଳେ ଜି ଭି ରାଓ ମଂଚ ପରିଚାଳନା କରିଥିଲେ । ଏହି ନୂତନ ସଭିପତି ଓ ସମ୍ପାଦକ ଶପଥ ନେଇଥିଲେ । ପ୍ରଥମେ ଜାତୀୟ ସଙ୍ଗିତ ପରିବେଷଣ କରାଯାଇଥିଲା । ବିଶ୍ୱ ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ରାମ ନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ପୁରୁଣା ସଭାପତି ଓ ସମ୍ପାଦକ ବାର୍ଷିକ ବିବରଣି ପାଠ କରିଥିଲେ । ନୂତନ ସଭାପତି ଅଶୋକ ମିଶ୍ର ଓ ସମ୍ପାଦକ ସୁରେଶ ପାଣିଗ୍ରାହୀ ଦାୟିତ୍ୱ ନେବା ପରେ ବିକାଶମୁଳକ ସହ ଜନହିତକର କାଯ୍ୟ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ମାଗଣା ସ୍ୱାସ୍ଥ୍ୟ ଶିବିର କାଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସୂଚନା ଦେଇଥିଲେ ।

# ଦାମାପୁଟ ଜଙ୍ଗଲରେ ଅବକାରୀ ଚଢଉ

ଜୟପୁର, ୨୮/୦୮ (ନି.ପ୍ର): ଦେଶି ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ପକ୍ଷରୁ ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ଜଙ୍ଗଲରେ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୧୨ ଶହ ଲିଟର ପୋଚ ଓ ୭୦ ଲିଟର ବିଷାକ୍ତ ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣାସ୍ଥଳରୁ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କର୍ମଶାଳାର ଆୟୋଜନ

କେନ୍ଦୁଝର, ୨୮/୦୮ (ନି.ପ୍ର): ଜଙ୍ଗଲ ସୁରକ୍ଷା,ଜୀବିକା ପାଇଁ ଜଙ୍ଗଲ ଅଧିକାର ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆଇଟିଡିଏ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଶାସନ ସହଯୋଗରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇସି) ଏହି କର୍ମଶାଳା ଆୟୋଜନ କରିଥିଲା । ଆଗାମି ବର୍ଷରେ ଜିବିକା ଅଭିବୃଦ୍ଧି ପାଇଁ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ପରିଚାଳନା ଉପରେ ଗୋଷ୍ଠିଗତ ଜଙ୍ଗଲ ସମ୍ପଦ ପରିଚାଳନା ଯୋଜନା ପ୍ରସ୍ତୁତ, ଗୋଷ୍ଠିଗତ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ପରିଚାଳନା, ଗୋଷ୍ଠିଗତ ଅଧିକାର, ଜଙ୍ଗଲ ଅଧିକାର ଦାବି , ଗୋଷ୍ଠିଗତ ଜଙ୍ଗଲ ସମ୍ପଦ ପରିଚାଳନା ଯୋଜନା ଉପରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଙ୍କ ମୋ ଜଙ୍ଗଲ ଜମି ଯୋଜନାକୁ ସଫଳ କାର୍ଯ୍ୟକାରୀ କରିବା ଏବଂ ଆଗାମି ୨ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ଏହାର କିପରି ସଫଳ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । କମ୍ୟୁନିଟି ରାଇଟ ଓ ଫରେଷ୍ଟ ରାଇଟ (ସିଆର-ସିଏଫଆର) ଦାବୀ ଗୁଡିକ ଉପରେ କାମ କରୁଥିବା ଏଫଇସି ସଂସ୍ଥା, ଜିଲ୍ଲାର ୭ ଟି ବ୍ଲକରେ ସିଏଫଆର ମ୍ୟାନେଜମେଂଟ ପ୍ଲାନ କୁ କାର୍ଯ୍ୟକାରୀ କରୁଛି । ଏହି କର୍ମଶାଳାରେ ଯୋଗଦେଇ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ତପନ କୁମାର ନାୟକ ରେକର୍ଡ ଅଫ ରାଇଟ (ଆରଓଆର) ସଂଶୋଧନ ଉପରେ କେନ୍ଦୁଝର ଜିଲ୍ଲା ଆଗୁଆ ବୋଲି କହିଥିଲେ । ସମୁଦାୟ ୩୬ ହଜାର ଆରଓଆର ସଂଶୋଧନ କରାଯାଇଥିବାବେଳେ ସଂରକ୍ଷିତ ଜଙ୍ଗଲ ଅଂଚଳ ରେ ଥିବା ଓ ଅନ୍ୟ କାରଣ ଯୋଗୁ ୨୦୦୦ ଆରଓଆର କେସ ସଂଶୋଧନ ହେବାକୁ ବାକି ରହିଛି ବୋଲି କହିଥିଲେ । ସହକାରୀ ବନ ସଂରକ୍ଷକ ଅଶୋକ ଦାସ ଜଙ୍ଗଲ ଓ ପରିବେଶ ସୁରକ୍ଷା ହୋଇପାରିଲେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ର ସୁରକ୍ଷା ହୋଇପାରିବ ବୋଲି କହିଥିଲେ । ପରିବେଶ ଓ ଅର୍ଥନୀତି କୁ ସନ୍ତୁଳନ ବଜାୟ ରଖିବା ପାଇଁ ଅଧିକାର ଓ କାର୍ଯ୍ୟ ଏକ ସଙ୍ଗରେ କରାଯିବା ଉଚିତ ବୋଲି ମତପ୍ରକାଶ ପାଇଥିଲା । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ କହିଛନ୍ତି ଜଙ୍ଗଲ ଜମି ଅଧିକାର ଦାବୀକୁ ତର୍ଜମା କରି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାଶ ସହଯୋଗ ଯୋଗାଇ ଦିଆଯିବ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଉପ ଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ ଏବଂ ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତୀ ବିଭିନ୍ନ ଆଦିବାସୀ ବିସ୍ଥାପନ ସମସ୍ୟା ଉପରେ ଆଲୋଚନା କରିଥିଲେ । ମୋ ଜଙ୍ଗଲ ଜମି ଯୋଜନାକୁ ସଫଳ କରିବା ପାଇଁ ଜଙ୍ଗଲ ଅଧିକାରୀ ଆଇନ ଉପରେ ଏଫଆରଓ ମାନଙ୍କୁ ତାଲିମ ଦେଇ ଅଧିକ ଦକ୍ଷତା ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ଏହି କର୍ମଶାଳରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇ ଜଙ୍ଗଲ ଗାଁ, ଜନଜାତୀଙ୍କ ପୀଢ ଅଧିକାର ସିଏଫ୍ଆର ପରିଚାଳନା କାର୍ଯ୍ୟକାରୀ କରିବା, ଦାବୀ ଗୁଡିକ ସମାଧାନ କରିବା ଆଦି ଇସ୍ୟୁ ଉପରେ ମତ ରଖିଥିଲେ । ଏଣୁ ଏଫଆରଏ ସଂଯୋଜକ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ମାନଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ ସହମତି ପ୍ରକାଶ ପାଇଥିଲା । ଜିଲାସ୍ତରୀୟ କମିଟି ଏହାକୁ ନିୟମିତ ନୀରିକ୍ଷଣ କରିବ ବୋଲି ନିଷ୍ପତି ନିଆଯାଇଥିଲା ।

# ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସରରେ ରାମକୃଷ୍ଣ ଦାଶଙ୍କ କବିତା ସଙ୍କଳନ ଲଢେଇ ଆମର ବେଦ ଉନ୍ମୋଚିତ

କେନ୍ଦ୍ରାପଡ଼ା, ୨୮/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର ସଂସଦର ସଭାପତି ଡଃ ବାସୁଦେବ ଦାସଙ୍କ ପୌରୋହିତ୍ୟରେ ଆଜି ଅପରାହ୍ନରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କବି କୁମାର ହସନ୍, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ମକର ଦାସ, ସମାଜସେବୀ ବାବାଜୀ ପରିଡା, ମଣିପୁର ଦଙ୍ଗାରେ ମୃତାହତ ହୋଇଥିବା ବ୍ୟକ୍ତିବିଶେଷ ଓ ଦୁର୍ଘଟଣାରେ ଦେହାନ୍ତ ହୋଇଥିବା ସୈନିକମାନଙ୍କ ଉଦେଶ୍ୟରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ପ୍ରାଧାପକ ନନ୍ଦ କିଶୋର ପରିଡା, ବରେଣ୍ୟ ଅତିଥି ଭାବରେ ପ୍ରକ୍ତନ ବିଧାୟିକା କବି ଡଃ ସିପ୍ରା ମଲ୍ଲିକ, ମୁଖ୍ୟବକ୍ତା ଭାବରେ ପରିବେଶବିତ୍ କବି ହେମନ୍ତ କୁମାର ରାଉତ, ସମ୍ମାନୀୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବିଶିଷ୍ଟ କଥାକାର କାଳିନ୍ଦୀ ଚରଣ ଜେନା, ପଲକ ପତ୍ରୀକାର ସମ୍ପାଦକ ଶଶିକାନ୍ତ ଦାସ, ବିଶିଷ୍ଟ ଗାଳ୍ପିକ ଅବନ୍ତୀ ବେହେରା, ଅଧାପକ ଅଜୟ କୁମାର ସାମଲ, ସମାଜସେବୀ ରମଣୀରଞ୍ଜନ ରାଉତରାଏ, ସାହିତ୍ୟ ସଂସଦର ଉପସଭାପତି ପ୍ରଦୀପ କୁମାର ଦାଶ ଓ ପ୍ରେମଲତା ଗିରି, କୋଷାଧ୍ୟକ୍ଷ ନୃସିଂହ ଚରଣ ତ୍ରିପାଠୀ, ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ଓ ସାଂଗଠନିକ ସମ୍ପାଦକ ଆଦିକନ୍ଦ ରାଉଳ ସାହିତ୍ୟ ଆସର ସମ୍ପର୍କରେ ଆଲୋଚନା କରିବା ସହିତ ଉନ୍ମୋଚିତ "ପୁସ୍ତକ ଲଢେଇର ଆମର ବେଦ" ପୁସ୍ତକକୁ ସମୀକ୍ଷା କରିଥିଲେ । ଏଥିରେ ବିପ୍ଳବୀ କବି ରାମକୃଷ୍ଣ ଦାଶଙ୍କ ରଚିତ ପୁସ୍ତକ "ଲଢେଇର ଆମର ବେଦ"କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ନିକଟରେ ସାହିତ୍ୟ ଏକାଡେମୀରୁ ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ କଥାକାର କାଳିନ୍ଦୀ ଚରଣ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଏକ କବିତା ପାଠୋତ୍ସବ କବି ଅଶୋକ କୁମାର ସାହୁ ଓ ନିରୂପମା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଶ୍ରୀଧର କୁମାର ଭୋଳ, ଦିବାକର ସାହୁ, ସ୍ୱପ୍ନାଂଶୁ କୁମାର ଦାସ, ଗୀତାଞ୍ଜଳି ସାହୁ, ତପସ୍ୱିନୀ ପଟ୍ଟନାୟକ, ବୈଷ୍ଣବ ମଳିକ, ଶରତ କୁମାର ରାଉତ, ଡଃ ରତ୍ନାକର ମଲ୍ଲିକ, ଦୀପକ କୁମାର ସାହୁ, ଶ୍ରୀଧର କୁମାର ମହାନ୍ତି, ଗଗନ ବିହାରୀ ବେଜ୍, ରଞ୍ଜନ କୁମାର ବାଇ, ପୂର୍ଣ୍ଣଚନ୍ଦ୍ର ବଳ, ରଜନିକାନ୍ତ ଦାସ, ଅଜୟ କୁମାର ପାତ୍ର, ମନୋରଞ୍ଜନ ତ୍ରିପାଠୀ, ଅମର ପ୍ରସାଦ ରାଉତ, ପରମାନନ୍ଦ ଥାଟୋଇ, ଅଜୟ କୁମାର ପାତ୍ର, ଅଧର ଚନ୍ଦ୍ର ଜେନା, ବିପିନି ବିହାରୀ ନାଥ, ସାମ୍ବାଦିକ ଆଶିଷ ସେନାପତି, ପ୍ରଫୁଲ୍ଲ ଦାସ, ନିରଞ୍ଜନ ମେକାପ, ଦେବାଶିଷ ପ୍ରଧାନ ପ୍ରଭୃତି ଶତାଧିକ କବି ସାହିତ୍ୟିକମାନେ ଯୋଗଦାନ କରି କବିତା ପାଠ କରିଥିଲେ । ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚି ରଞ୍ଜନ କବି ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବିଦେଶୀ ମଦ ଜବତ: ବେପାରୀ କୋର୍ଟ ଚାଲାଣ

କୋରେଇ, ୨୮/୦୮ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ପୁଲିସ ଶନିବାର ରାତ୍ରୀରେ ୨୧ ଲିଟର ବିଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରି କୋର୍ଟଚାଲାଣ କରଛି । ପାଣିକୋଇଲିରେ ଚୋରା ମଦ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ମାତ୍ର ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ପୁଲିସ ମଦ ଧରିବାରେ ସକ୍ଷମ ହୋଇଛି । ଶନିବାର ରାତ୍ରୀରେ ଚୋରାରେ ମଦ ନେଇ ଚାନ୍ଦପୁର ଦେଇ ଯାଉଥିବା ଖବର ପାଇ ପୁଲିସ ସ୍କୁଲ ଛକରେ ଜଗି ରହିଥିଲା । ଏହି ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜଳହ ଗ୍ରାମର ବାବନ ଚରଣ ଯେନାଙ୍କ ପୁଅ ମନୋଜ ଯେନା (୩୪) ମଦ ନେଇଯାଉଥିବା ବେଳେ ପୁଲିସ ତାକୁ ଧରିବାରେ ସକ୍ଷମ ହୋଇଥିଲା । ତା ନିକଟରୁ ୨୪ଟି ବିଅର, ୨୦ଟି ହୁସ୍କି, ୧୫ଟି ଭୁଟାନ ବ୍ଲୁ, ୧୦ଟି ଆଇବି, ୫ଟି ନମ୍ବର ୱାନ ଜବତ କରିବା ସହ ତାକୁ ଗିରଫ କରିଥିଲା । ଏନେଇ ଏକ ମାମଲା ୨୩୫/୨୩ ରେ ରୁଜୁ କରାଯିବା ସହ ମନୋଜକୁ ଦଫା ୫୨(ଏ) ଓଡିଶା ଏକ୍ସସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଉଦୟନାଥ ସୋରେନଙ୍କ ସୂତ୍ରରୁ ପ୍ରକାଶ ।

## ତିନି ୱାରେଂଟି ଗିରଫ

କେନ୍ଦ୍ରାପଡ଼ା, ୨୮/୦୮ (ନି.ପ୍ର): କେନ୍ଦ୍ରାପଡା ସଦରଥାନା ପୋଲିସ ଆଜି ତିନି ଜଣ ୱାରେଂଟିକୁ ଗିରଫ କରି କୋର୍ଟ ଚାଲାଣ କରିଛି । କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ କଦଳୀବାଡି ଗ୍ରାମର ବାପା ଉମେଶ ମଲ୍ଲିକ, ପୁଅ କୃଷ୍ଣଚନ୍ଦ୍ର ମଲ୍ଲିକ ଓ ମା ସରସ୍ୱତି ମଲ୍ଲିକଙ୍କୁ ଏକ ବଧୁ ନିର୍ଯ୍ୟାତନା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ସମସ୍ତେ ୨୦୧୬ମସିହାରୁ ଫେରାର ଥିଲେ ବୋଲି ସଦରଥାନା ଆଇଆଇସି ସରୋଜ କୁମାର ସାହୁ ପ୍ରକାଶ କରିଛନ୍ତି ।

# ନିଫା ପକ୍ଷରୁ ସାଇକେଲ ଶୋଭାଯାତ୍ରା

କୋରେଇ, ୨୮/୦୮ (ନି.ପ୍ର): କୋରେଇ ବ୍ଲକ ସ୍ଥିତ ଧନେଶ୍ୱର ଗ୍ରାମ ପଂଚାୟତର ରଣସରପୁର ସ୍ଥିତ ଲବଣେଶ୍ୱର ଉପ୍ରା ନୋଡାଲ ବିଦ୍ୟାଳୟ ପରିସରରେ ଆଜି ପରିବେଶ ସଚେତନତା ବାର୍ତାର ପ୍ରଚାର ଓ ପ୍ରସାର ନିମନ୍ତେ ନିଫା ସାମାଜିକ ଅନୁଷ୍ଠାନ ଓ ସତ୍ୟନାରାୟଣ ପାଠାଗାର ର ମିଳିତ ଉଦ୍ୟମରେ ସାଇକେଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନିଫା ଅନୁଷ୍ଠାନର ମୁଖ୍ୟ ସଂଯୋଜକ ନବଘନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନତା ରେ ଏକ ପଥପ୍ରାନ୍ତ ଉଦଘାଟନ ଉତ୍ସବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ପାଠାଗାରର ସଂପାଦକ ଭୁବନ ମୋହନ ମହାନ୍ତି ପରିଚାଳନା କରିଥିଲେ । ପ୍ରାରମ୍ଭରେ ଉଦଘାଟକ ଭାବେ ଧନେଶ୍ୱର ଗ୍ରାମପଂଚାୟତର ସରପଂଚ ଶ୍ୟାମସୁନ୍ଦର ମାଝୀ, ସମ୍ମାନୀତ ଅତିଥି ଭାବେ କୋରେଇ ଥାନାର ଏସ.ଆଇ. ବିଶ୍ୱଜିତ ବିଶ୍ୱାଳ ଯୋଗଦେଇ ସାଇକେଲ ପଦଯାତ୍ରାକୁ ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପଥପ୍ରାନ୍ତ ସଭାରେ ଅନ୍ୟତମ ଅତିଥି ରୁପେ କିଟ ବିଶ୍ୱବିଦ୍ୟାଳୟର ଲ ଅଫିସର ଅମ୍ବରିଶ ଖୁଂଟିଆ,ଯୁବନେତା ରଜନୀକାନ୍ତ ଷଡଙ୍ଗୀ ଙ୍କ ସମେତ ନିଫାର କାର୍ଯ୍ୟକର୍ତା ମନୋଜ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସାମ୍ବାଦିକ ନିଗମ ପ୍ରସାଦ ନାଥ, ମାନସ କୁମାର ପଣ୍ଡା,ସତ୍ୟଶିବ ରାଉତ, ଶିଶିର କୁମାର ଘଡେଇ, ମହେଶ୍ୱର ଦାସ, ରଂଜନ ମଲ୍ଲିକ ଶଂକର ମଲ୍ଲିକ, ବିଶ୍ୱଜିତ ସ୍ୱାଇଁ ଓ ବିଶ୍ୱଜିତ ସାମଲ ପ୍ରମୁଖ ଗ୍ରାମବାସୀମାନେ ସହଯୋଗ କରିଥିଲେ । ସାଇକେଲ ଶୋଭାଯାତ୍ରାରେ ପରିବେଶ ସୁରକ୍ଷାର ସଚେତନତା ବାର୍ତାର ସ୍ଲୋଗାନ ଦେଇ ବେଗନା ସ୍ଥିତ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଆସିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କୋରେଇ ଥାନାର ପାଟ୍ରୋଲିଙ୍ଗ ପୋଲିସ ସହାୟତା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଯୋଗଦେଇଥିବା ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

# ଆଜି ପାଳିତ ହେବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ

ଜୟପୁର, ୨୮/୦୮ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ୧୫ତମ ପ୍ରତିଷ୍ଠା ଦିବସ ଆସନ୍ତା ଅଗଷ୍ଟ ୨୯ ତାରିଖରେ କୋରାପୁଟ ସ୍ଥିତ ଲାଣ୍ଡିଗୁଡ଼ା କ୍ୟାମ୍ପସରେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସାରସ୍ୱତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ ଲାଇନ୍ ମାଧ୍ୟମରେ ସେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟକୁ ସମ୍ବୋଧନ କରିବେ । ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ (ହାଲ୍ ), ସୁନାବେଡ଼ାର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ୨୦୦୯ ମସିହାରେ ଏହି ୨୯ ତାରିଖରେ କୋରାପୁଟ ଠାରେ ଏହି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ଏହା ଏକସଙ୍ଗରେ ସ୍ଥାପିତ ହୋଇଥିବା ଦେଶର ଅନ୍ୟ ୧୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନ୍ୟତମ ଥିଲା । ପ୍ରତିଷ୍ଠା ପରଠାରୁ ବିଶ୍ୱବିଦ୍ୟାଳୟ ନିଜର ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବ ସହ ଏହି ଅଂଚଳର ଶିକ୍ଷାଗତ ଆକାଂକ୍ଷାପୂରଣ ପାଇଁ ପ୍ରୟାସ ଜାରି ରଖିଛି । ବିଗତ ୧୪ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ୦୮ଟି ବିଦ୍ୟାଳୟ ଓ ୧୮ଟି ବିଭାଗ ପ୍ରତିଷ୍ଠା କରିଥିବା ବେଳେ ୦୮ଟି ବିଭାଗରେ ଗବେଷଣା କାର୍ଯ୍ୟକ୍ରମ ହାତକୁ ନେଇଛି । ଚଳିତ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନ, ବନୀକରଣ ପରିଚାଳନା, ପଶୁପାଳନ ଓ ଦୁଗ୍ଧ ଚାଷ ରେ ଇ.ଝମ ପାଠ୍ୟକ୍ରମ ଏବଂ ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପରିଚାଳନାରେ ପିଜି ଏମବିଏ ପାଠ୍ୟକ୍ରମ ଆରମ୍ଭ କରିଛି । ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ତଥା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବର୍ତମାନର ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ବର୍ତମାନର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସେପ୍ଟେମ୍ବର ୨୦୨୨ରେ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ । ତାଙ୍କ ଯୋଗଦାନ ପରେ କ୍ୟାମ୍ପସ ଭିତିଭୂମି ବିକାଶ ଏବଂ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ସମେତ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି । ବିଶ୍ୱବିଦ୍ୟାଳୟର ୧୫ ତମ ପ୍ରତିଷ୍ଠା ଦିବସ କୋରାପୁଟର ଲାଣ୍ଡିଗୁଡା କ୍ୟାମ୍ପସରେ ପାଳନ କରାଯିବ ।

# କେନ୍ଦୁଝରରେ ଭାଇରାଲ ହେଉଛି ଭିଜିଲାନ୍ସ ବିଭାଗର ଲାଞ୍ଚୁଆ କର୍ମଚାରୀଙ୍କର ଅଡିଓ

କେନ୍ଦୁଝର, ୨୮/୦୮ (ନି.ପ୍ର): ପ୍ରତ୍ୟେକ ବର୍ଷ ରାଜ୍ୟରେ ପାଳନ ହେଉଅଛି ଭିଜିଲାନ୍ସ ଦିବସ । ଏହି ଦିବସ ଅବସରରେ ସ୍ୱଭାବିକ ପ୍ରକ୍ରିୟାରେ ପ୍ରାୟତଃ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନିତି ନକରିବାକୁ କିମ୍ବା ପ୍ରଶୟ ନଦେବାକୁ କର୍ମଚାରୀ , ଅଧିକାରୀ ଆଦି ସମସ୍ତେ ଶପଥ ପାଠ କରିଥାଆନ୍ତି । କିନ୍ତୁ ପରବର୍ତି ମୁହୁର୍ତରେ ସେହି ଶପଥକୁ ପ୍ରାୟତଃ ଅଧିକାଂଶ ଭୁଲି ଯାଇଥାନ୍ତି ଯାଉଥିବା ବେଳେ ଏପଟେ ଭିଜିଲାନ୍ସ ଦିବସରେ ଅବଶ୍ୟ ଶପଥ ପାଠ କରି ନିଜକୁ ସଚ୍ଚୋଟ ଦେଖାଇ ହେବାକୁ ଭୁଲନ୍ତି ନାହିଁ । ଏହି କ୍ରମରେ ଜିଲ୍ଲାରେ କ୍ଷେତ ବାଡ ଖାଇବା ଅବସ୍ଥା ଦେଖିବାକୁ ମିଳିଛି । ଲାଞ୍ଚୁଆ ତଥା ଦୁର୍ନିତିଗ୍ରସ୍ତଙ୍କୁ ଧରିବାକୁ ରହିଥିବା ଭିଜିଲାନ୍ସ ର କର୍ମଚାରୀ ଲାଞ୍ଚ ମାଗିବା ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଅଛି । ଯାହାର ଅଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି । ଏହି ଅଡିଓ ଟିରେ କେନ୍ଦୁଝର କୋର୍ଟରେ କାର୍ଯ୍ୟରତ ଭିଜିଲାନ୍ସ ବିଭାଗର ଜଣେ ମହିଳା କନେଷ୍ଟବଳଙ୍କ ସ୍ୱର ରହିଥିବା ବେଳେ ଅପର ପାର୍ଶ୍ୱରେ ଜଣେ ପୁରୁଷଙ୍କର ସ୍ୱର ରହିଛି ଯେ କି ଭିଜିଲାନ୍ସ ଜାଲରେ ପଡିଥିବା ସହ ତାଙ୍କ ମାମଲା ମଧ୍ୟ ଏବେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରଧୀନ ରହିଅଛି । ବିଚାରଧୀନ ସେହି ମାମଲାକୁ ରଫାଦଫା କରିବା ସହ କେଶକୁ ଅଧିକ ଦୁର୍ବଳ କରିବାକୁ ସାକ୍ଷୀ ମାନଙ୍କୁ ପ୍ରଭାବିତ କରିବାକୁ କିଛି ମାଲ ଖର୍ଚ୍ଚ କରିବାକୁ ପଡିବ ବୋଲି ମହିଳା କର୍ମଚାରୀ ଜଣକ କହୁଥିବା ସେହି ଅଡିଓରେ ଶୁଣାଯାଉଛି । ଉପରୁ ତଳୁ ପର୍ଯ୍ୟନ୍ତ ସରକାରୀ ଓକିଲ ଆଦି ସମସ୍ତେ ନେବେ, କେତେ ଖର୍ଚ୍ଚ କରି ପାରିବ ବୋଲି ମହିଳା କର୍ମଚାରୀ ସେହି ଅଡିଓରେ ପଚାରୁଥିବା ଶୁଣା ଯାଉଛି । ସେହି ମହିଳା କର୍ମଚାରୀ ଜଣକ ପୁଣି କହୁଛନ୍ତି ଯେ ମୁ ସବୁ କରାଇ ପାରିବି ଆଗରୁ ମଧ୍ୟ ଏଭଳି ଅନେକ ଲୋକଙ୍କର କାମ କରାଯାଇଛି ବୋଲି କହୁଥିବା ଶୁଣା ଯାଉଛି । ମହିଳା ଜଣକ ଟଙ୍କା ପାଇଁ ଏତେ ତଳକୁ ଖସି ଯାଇଛନ୍ତି ଯେ ଦୁନିଆରେ କେହି ସଚ୍ଚୋଟ ନୁହେଁ , ଏପରିକି ତାଙ୍କ ମା ବାପା ମଧ୍ୟ ମିଛୁଆ , ମିଛ କହି ତାଙ୍କୁ ଜନ୍ମ କରିଥିବା ବେଳେ ନରେନ୍ଦ୍ର ମୋଦି କିମ୍ବା ଅମ୍ବାନୀ କେହି ହେଲେ ବି ସଚ୍ଚୋଟ ନୁହେଁ ବୋଲି କହୁଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛନ୍ତି । ଆଜି ଖର୍ଚ୍ଚ କଲେ ସବୁ ସମ୍ଭବ ବୋଲି ସେହି ଅଡିଓରେ କହୁଛନ୍ତି । ଦୁର୍ନିତିଗ୍ରସ୍ତଙ୍କୁ ଧରିବାକୁ ରହିଥିବା ଭିଜିଲାନ୍ସ ରେ ଜମେ ମହିଳା କର୍ମଚାରୀଙ୍କର ଏଭଳି ଅଡିଓ ଭାଇରାଲ ହେବା ପରେ ଭିଜିଲାନ୍ସ ବିଭାଗକୁ ସ୍ୱଭାବିକ ଭାବେ ଅଡୁଆରେ ପକାଇଅଛି । ଏହି ଅଡିଓ ସଂପର୍କରେ ଭିଜିଲାନ୍ସ କୋର୍ଟର ସରକାରୀ ଓକିଲ ଦେବଦତ ବିଶ୍ୱାଳ ଙ୍କ ମତାମତ ନେବାବେଳେ ସେ ତାଙ୍କ ପ୍ରତିକ୍ରିୟାରେ ଅଡିଓ ବିଷୟରେ କିଛି ଜାଣି ନଥିବା ଓ ତଦନ୍ତ ହେଲେ ସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି । କେନ୍ଦୁଝର ଗସ୍ତରେ ଥିବା ଭିଜିଲାନ୍ସ ଏସ.ପି. ନରହରି ନାୟକ କହିଛନ୍ତି ଯେ ଏ ସଂପର୍କରେ ତାଙ୍କ ପାଖରେ କିଛି ଖବର ନାହିଁ । ତଦନ୍ତ ପରେ ସେହି କର୍ମଚାରୀ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

# ବନ୍ଧପଡା ଗ୍ରାମ୍ୟ ରାସ୍ତାରେ ୨୦ ଫୁଟର ଘାଇ, ଜଳବନ୍ଦୀରେ ୫୦ ପରିବାର

ନିମାପଡା, ୨୮/୦୮ (ନି.ପ୍ର): ରବିବାର ଭୋର୍ ସମୟରେ କେନାଲ ପାଣି ପୋଖରୀରେ ପଶିଯିବାରୁ ନିମାପଡା ବ୍ଲକ ଅନ୍ତର୍ଗତ ବନ୍ଦପଡା ଗ୍ରାମ୍ୟ ରାସ୍ତାରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି । ଫଳରେ ଗ୍ରାମକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଯାଇଥିଲା ବେଳେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ରହିଥିବା ଜଣାପଡିଛି । ଦିର୍ଘ ସମୟ ଅତିକ୍ରାନ୍ତ ହୋଇଯାଇଥିଲା ବେଳେ ପ୍ରଶାସନିକ ସ୍ତରରେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ସୂଚନା ମୁତାବକ, କୋଟକୁସାଙ୍ଗ ପଂଚାୟତର କାଶିଆ-କୋଟକୁସାଙ୍ଗ ପ୍ରଧାନ ମନ୍ତ୍ରୀ ସଡକ ରାସ୍ତାରୁ ବନ୍ଦପଡା ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ୨ଟି ପୋଖରୀ ରହିଥିଲା ବେଳେ ନୂଆଗାଁ କେନାଲରେ ଘଳିଆ ସୃଷ୍ଟି ହୋଇ ମାତ୍ରାଧିକ ପାଣି ଗୋଟିଏ କେନାଲରେ ପଶିଯିବାରୁ ରାସ୍ତାଟି ଧସି ଯାଇ ଘାଇ ହୋଇଥିବା ନେଇ ଅନୁମାନ କରାଯାଉଛି । ସକାଳୁ ଏହି ଘଟଣା ଜଣାପଡିବା ପରେ ସ୍ଥାନିୟ ସରପଂଚଙ୍କ ପ୍ରତିନିଧି ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି । ଅପରାହ୍ନରେ ବାଲିବସ୍ତା ଗଦା କରିଥିବା ଦେଖିବାକୁ ମିଳିଛି ।

# ଜୟପୁରରେ ଝୁଲଣ ଯାତ୍ରା ଆରମ୍ଭ

ଜୟପୁର, ୨୮/୦୮ (ନି.ପ୍ର): ଜୟପୁର ସହର ର ବିଭିନ୍ନ ମନ୍ଦିର ରେ ଶ୍ରାବଣ ମାସର ଶୁକ୍ଳ ପକ୍ଷ ଦଶମୀ ତିଥି ଠାରୁ ପ୍ରଭୁ କୃଷ୍ଣ ଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଏହା ଆସନ୍ତା ଭାଦ୍ରବ କୃଷ୍ଣ ପକ୍ଷ ପ୍ରତିପଦା ଅର୍ଥାତ ୧ ତାରିଖ ଶୁକ୍ରବାର ପଯ୍ୟନ୍ତ ଚାଲିବ । ଏହି ଯାତ୍ରା ରେ ପ୍ରଭୁ ରାଧା- କୃଷ୍ଣ ଙ୍କୁ ଝୁଲଣ ବିମାନ ରେ ବସାଯାଇ ଝୁଲାଯାଇଥାଏ । ସହରର ରଥ ପଡିଆ ନିକଟରେ ଥିବା ରଘୁନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ଚୈତନ୍ୟ ମନ୍ଦିର, ରସିକ ଶିରୋମଣି ମନ୍ଦିର, ଗୋପୀନାଥ ମନ୍ଦିର, ରାଧା କାନ୍ତ ମନ୍ଦିର, କୁଞ୍ଜ ବିହାରି ମନ୍ଦିରରେ, ଗୀତା ଭବନ, କଣ୍ଡରା ସାହି ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ରେ ଏହି ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରା ସମୟରେ ପ୍ରଭୁ ଙ୍କୁ କେବଳ ଶୁଖିଲା ଭୋଗ ଲାଗି କରାଯାଇ ଥାଏ । ଏହି ଭୋଗ ମଧ୍ୟରେ ମୁଖ୍ୟତଃ ନଡିଆ, କଦଳୀ, ଖଜା, ପିଠା ଇତ୍ୟାଦି ଲାଗି କରାଯାଇଥାଏ । ଏହି ଝୁଲଣ ଯାତ୍ରା ରେ ଭକ୍ତ ଙ୍କ ବିଶ୍ୱାସ ଯେ ରାଧା-କୃଷ୍ଣ ଙ୍କୁ ଝୁଲଣ ବିମାନ ରେ ଝୁଲାଇଲେ ମନରେ ରାଧା -କୃଷ୍ଣ ଙ୍କ ଭଳି ଭାବ ପ୍ରୀତି ଜାଗିବା ସହ ପାପ କ୍ଷୟ ହୋଇଥାଏ । ଏହି ଯାତ୍ରା ୭ ଦିନ ଧରି ଚାଲେ ନିତି କାନ୍ତ ରେ ପୂଜା ପାଠ, ସଂନ୍ଧ୍ୟାରେ ସଂକୀର୍ତନ କରାଯାଉଛି । ଜୟପୁର ବଲ୍ଲଭ ନାରାୟଣ ମନ୍ଦିର ରେ ଅନୁଷ୍ଠିତ ହୋଇଥିବା ଝୁଲଣ ଯାତ୍ରାରେ ପ୍ରତ୍ୟେକ ଦିନ ସଂନ୍ଧ୍ୟା ରେ ଆଳତି ହେବା ସହ ମହିଳା ମାନେ ବିଭିନ୍ନ ପ୍ରକାର କୃଷ୍ଣ ଙ୍କ ଭକ୍ତି ପୁର୍ଣ୍ଣ ଗୀତ ଗାଇ ଝୁଲଣ କରୁଥିବା ବେଳେ ପୁରୁଷ ମାନେ ଭଜନ କୀର୍ତନ କରିଥାନ୍ତି । ଜଗନ୍ନାଥଙ୍କ ମୁଖ୍ୟ ସେବାୟତ ଡମ୍ବୁର ଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠି ସୁଚନା ଦେଇଛନ୍ତି । ବର୍ତମାନ ଏହିଯାତ୍ରା କୁ ଦେବୋତର ବିଭାଗ ପରିଚାଳିତ କରୁଛି ।

# ଶଶୀ ଭୂଷଣ ଦାଶ ରାଜ୍ୟ ଓଡ଼ିଶା ଅମଲା ସଂଘ ଦ୍ୱାରା ସମ୍ମାନିତ

ଜୟପୁର, ୨୮/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘର ରାଜ୍ୟ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପୁରୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପୁରୀ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପୁରୀ, ଉପସ୍ଥିତ ଥିବାବେଳେ, ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି, ଶ୍ରୀ ଜ୍ଞାନ ରଞ୍ଜନ ଦାଶ, ସାଧାରଣ ସମ୍ପାଦକ ଚିତରଞ୍ଜନ ତରାସିଆ, ମୁଖ୍ୟ ଉପଦେଷ୍ଟା ନାରାୟଣ ଦାଶ୍, ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ରଙ୍କ ସମେତ ଓଡ଼ିଶାର ସମଗ୍ର ଜିଲ୍ଲାର ସଭାପତି, ସମ୍ପାଦକ, ଅଧ୍ୟକ୍ଷଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ମାନେ ଉପସ୍ଥିତ ଥିବାବେଳେ କୋରାପୁଟ ଜିଲ୍ଲାରୁ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶ, ଓଡିଶା ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉପସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୃନ୍ଦାବନ ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ ।

# ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଗଞ୍ଜାମ/ଗଜପତି, ୨୮/୦୮ (ନି.ପ୍ର): ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଧରାକୋଟ ବ୍ଲକରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୩୨ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି । ଯେଉଁ ସ୍ଥାନରେ ଡ଼େଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଟିମ୍ ସେଠାରେ ପହଂଚି ଲୋକଙ୍କୁ ସଚେତନ କରୁଛି । ବର୍ତ୍ତମାନ ସୁଦ୍ଧା ୧୯୩୧ ନମୂନା ପରୀକ୍ଷା କରାଯାଇଥିବା ୩୨ ଜଣଙ୍କ ରିପୋର୍ଟ ଡ଼େଙ୍ଗୁ ପଜିଟିଭ୍ ଆସିଛି । ଏମାନଙ୍କ ମଧ୍ୟରୁ ୨୪ ଜଣ ବାହାରୁ ଆସିଥିବା ବେଳେ ୮ ଜଣ ସ୍ଥାନୀୟ ଅଂଚଳରୁ ଚିହ୍ନଟ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାରେ ଗତ ବର୍ଷ ୧୬୧ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୨୧ ରେ ଜିଲ୍ଲାରୁ ମୋଟ୍ ୩୩୩ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୨୦ ରେ ମାତ୍ର ୯ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେହିପରି ୨୦୧୯ରେ ୩୦୭ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୧୮ ରେ ୧୫୫ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେହିପରି ଗଜପତି ଜିଲ୍ଲାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୪୬ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି । ତେବେ ଡ଼େଙ୍ଗୁର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଚଂଳରେ ସ୍ଥିତି ଅନୁଧ୍ୟାନ କରାଯିବା ସହ ଔଷଧ ସିଂଚନ କରାଯାଉଛି । ଘରକୁ ଘର ଯାଇ ସଚେତନତା ସୃଷ୍ଟି କରାଯାଉଛି ଏବଂ ଔଷଧ ଦିଆଯାଉଛି ବୋଲି ଗଜପତି ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଯେଉଁ ଗ୍ରାମରୁ ଡ଼େଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି, ସେଠାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯିବା ସହ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା ତଦାରଖ କରାଯାଉଛି । ମଶା ନିପାତ ପାଇଁ ଧୂଆଁ ଛଡାଯିବା ସହ ପାଣି ଜମି ରହିଥିବା ସ୍ଥାନକୁ ସଫା କରାଯାଉଛି । ଡ଼େଙ୍ଗୁ ଲାର୍ଭା ଖୋଜି ନଷ୍ଟ କରାଯାଉଥିବା ବେଳେ ଯେଉଁ ରୋଗୀ ଆନ୍ଧ୍ରପ୍ରଦେଶ ଯାଇ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ଉପରେ ମଧ୍ୟ ନଜର ରଖାଯାଇଛି । ରାୟଗଡ଼ା ବ୍ଲକର ମଣ୍ଡଳ ସାହିରେ ମଧ୍ୟ ଜ୍ୱରରେ ଆକ୍ରାନ୍ତ ଥିବା କିଛି ଲୋକଙ୍କ ରକ୍ତନମୂନା ସଂଗ୍ରହ କରାଯାଇଛି । ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ର ସାରା ଗ୍ରାମରୁ କିଛିଦିନ ତଳେ ୨୭ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ଏହି ଗ୍ରାମରେ ୫୩ ଜଣ ଜ୍ୱରରେ ପୀଡ଼ିତ ଥିଲେ ମଧ୍ୟ ଗୁମ୍ମା ବ୍ଲକ ନାମନଗଡ଼ରୁ ଏକାଧିକ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ମୋହନାରୁ ମଧ୍ୟ ଡ଼େଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଛନ୍ତି । ସାରା ଗ୍ରାମ ପରେ କାଶୀନଗର ବ୍ଲକର ଜିଡ଼ିଙ୍ଗି, ଖାରଡ଼ା, ଧୋବାଜୟପୁରରୁ ମଧ୍ୟ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି ।

## ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବନ୍ଧୁ ମିଳନ

ଖଇରା, ୨୮/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହବିଦ୍ୟାଳୟ ପୁରାତନ ଛାତ୍ର ପରିଷଦର ବନ୍ଧୁ ମିଳନ ଉତ୍ସବ ସୋମବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମୋ କଲେଜ ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରହିତ୍ୟ କରିଥିଲେ । ପ୍ରଥମେ ଦିବଂଗତ ଛାତ୍ର ମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା ଅବସରରେ ପୁରାତନ ଛାତ୍ର ମାନେ ନିଜ ସ୍ମୃତି , ଓ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସରସ ସୁନ୍ଦର ଭାବେ ଗଢିତୋଳିବା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ପରିଷଦ ସଭାପତି ପରେଶ ପ୍ରସାଦ ଦକ୍ଷିଣରାୟ ରୌପ୍ୟ ଜୟନ୍ତୀ ପାଳନ ପ୍ରସଙ୍ଗ ଉତ୍ଥାପନ କରିଥିଲେ । ଅଧକ୍ଷ ଏହାକୁ ସମର୍ଥନ ଜଣାଇ ଆସନ୍ତା ବର୍ଷ ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ । ନଭେମ୍ବର ୨୧ ତାରିଖରେ ପ୍ରଜ୍ଞାପୁରୁଷ ମହତାବଙ୍କ ଜୟନ୍ତୀ ପାଳନ ଅବସରରେ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଆଲୋଚନା ପାଇଁ ସଭ୍ୟ ମାନେ ପ୍ରସ୍ତାବ ଦେଇଥିଲେ ।

## ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନିମାପଡା, ୨୮/୦୮ (ନି.ପ୍ର): ଗତ ୨୦୨୨ ମସିହାରେ ବଳଙ୍ଗା ଥାନା ଅଂଚଳରରେ ଘଟିଥିବା ଏକ ଦୁଷ୍କର୍ମ ମାମଲାରେ ସୋମବାର ଦିନ ଦଣ୍ଡାଦେଶ ଶୁଣାଇଛନ୍ତି ନିମାପଡା କୋର୍ଟ । ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କରାଦଣ୍ଡ ସହ ୭ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ନିମାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ ଲୋକନାଥ ସାହୁ । ସୂଚନା ମତାବକ, ଗତ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ସ୍ୱାମୀ ଘରେ ନଥିବା ସୁଯୋଗରେ ବଳଙ୍ଗା ଥାନା ଅନ୍ତର୍ଗତ ତେରହଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଶତପଥି(୪୩) ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଘଟଣାର ପରଦିନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ତତ୍କାଳୀନ ବଳଙ୍ଗା ଥାନା ଅଧିକାରୀ ରଶ୍ମିରଂଜନ ପୃଷ୍ଟି ଥାନାରେ ୨୨୭/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଏହି ମାମଲାର ତଦନ୍ତକାରୀ ଅଫିସର ବେହେରା ପ୍ରତିକ ଅନୁପମ ମାତ୍ର ୨ ମାସ ମଧ୍ୟରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ମାମଲାରେ ପୁଲିସ ପକ୍ଷରୁ କୋର୍ଟରେ ୧୭ଜଣ ସାକ୍ଷୀଙ୍କର ଜମାନବନ୍ଦୀ ଓ ସରକାରଙ୍କ ତରଫରୁ ଦାଖଲ କରାଯାଇଥିବା ୨୪ଗୋଟି ଦସ୍ତାବିଜକୁ ବିଚାରକୁ ନେଇ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ନିମାପଡା ଲୋକନାଥ ସାହୁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୩୭୬ ଦଫାରେ ୧୦ ବର୍ଷର ସଶ୍ରମ କରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଓ ଦଫା ୪୫୮ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜୋରିମାନା ଓ ଦଫା ୩୨୩ରେ ୧ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ସୀତାକାନ୍ତ ଦାସ ଏହି ମାମଲା ଲଢୁଥିଲେ ।

## ସିଆଡ଼ିମାଳଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ: ୪୪ ୟୁନିଟ ରକ୍ତ ସଂଗ୍ରହ

ମାଲକାନଗିରି, ୨୮/୦୮ (ନି.ପ୍ର): ମାଲକାନଗିରି ଜ୍ବିଲ୍ଲା ସଦର ବ୍ଲକ ଚାଲାଣଗୁଡ଼ା ପଂଚାୟତ ଅନ୍ତର୍ଗତ ସିଆଡ଼ିମାଳ ଗ୍ରାମ ଠାରେ ଆଜି ଓଡ଼ିଶା-ମୋ ପରିବାର ଆନୁକୂଲ୍ୟରେ ମାଲକାନଗିରି ଜ୍ବିଲ୍ଲା ଜୀବନ ବିନ୍ଦୁ ସଂଯୋଜକ ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୪୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି ଅବସରରେ ବରିଷ୍ଠ ନେତା ତଥା ଶିଖପାଲି ଜୋନ୍ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା, ଆଇନ୍ ସାମ୍ମୁଖ୍ୟ ସଭାପତି, ଜ୍ବିଲ୍ଲା ସାଧାରଣ ସମ୍ପାଦକ ତଥା କାଲିମେଳା ଜୋନ୍- ୨ ସଂଯୋଜକ ଗୋପାଳ କୃଷ୍ଣ ପଣ୍ଡା, ମାଲକାନଗିରି ବ୍ଲକ ସଭାପତି ବିଭାଂଶୁ ସାମଲ, ଚାଲାଣଗୁଡ଼ା ପଂଚାୟତ ସଭାପତି ଦିବସ ମିସ୍ତ୍ରୀ, ପୂର୍ବତନ ବିଧାୟକ ପ୍ରତିନିଧି ବିକାଶ ମଣ୍ଡଳ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଜ୍ବିଲ୍ଲା ଯୁବ ଉପସଭାପତି କଣ୍ଟେଶ୍ୱର ପୋଟଲା ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପାଟଣା ଗ୍ରାମରେ ବଳଙ୍ଗା ପୁଲିସର ଚଢଉ ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ନିମାପଡା, ୨୮/୦୮ (ନି.ପ୍ର): ସୋମବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ବଳଙ୍ଗା ପୁଲିସ ପକ୍ଷରୁ ଚଢଉ କରାଯାଇ ଚୋରାମଦ କାରବାର କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ନୂଆପାଟଣା ଗ୍ରାମର ରାଜେଶ କୁମାର ଭୂୟାଁ (୩୬) ବୋଲି ପୁଲିସ ସୂଚନା ଦେଇଛି । ପୁଲିସ ତା ନିକଟରୁ ୧୩ ଲିଟର ବିଦେଶୀ ମଦ ଜବତ କରିଛି । ସୂଚନା ମୁତାବକ, ରବିବାର ରାତିରେ ବଳଙ୍ଗା ଥାନା ଏସଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଥାନା ଅନ୍ତର୍ଗତ ଭୀମବଜାର ଛକ ଠାରେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ନୂଆପାଟଣା ଗ୍ରାମରେ ରାଜେଶ ଚୋରା ମଦ କାରବାର କରୁଥିବା ନେଇ ପୁଲିସ ଟିମ୍ କୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ପୁଲିସ ଟିମ୍ ନୂଆପାଟଣା ଗ୍ରାମରେ ରାଜେଶର ଘର ଉପରେ ଅଚାନକ ଚଢଉ କରି ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ରାଜେଶକୁ ଗିରଫ କରିଥିଲା । ସୋମବାର ଅପରାହ୍ନରେ ରାଜେଶକୁ ଗିରଫ କରାଯାଇ ନିମାପଡା କୋର୍ଟରେ ହାଜର କରାଯାଇଥିଲା ବେଳେ ସେଠାରେ ତାର ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ନିମାପଡା ଉପକାରାଗାରକୁ ପଠାଇ ଦିଆଯାଇଛି ।

## ହାଉସିଂବୋର୍ଡରେ ଲାଗିଥିବା ସିକ୍ୟୁରିଟୀ ସଂସ୍ଥା କର୍ମଚାରୀଙ୍କୁ ଠକୁଥିବା ଅଭିଯୋଗ

ରାଉରକେଲା, ୨୮/୦୮ (ନି.ପ୍ର): ରାଜ୍ୟ ହାଉସିଂ ବୋର୍ଡରେ ଲାଗିଥିବା ସିକ୍ୟୁରିଟୀ ସଂସ୍ଥା ଅଧିନରେ କାମ କରୁଥିବା ସୁରକ୍ଷାକର୍ମୀ ଅଥବା ଗାର୍ଡ ମାନଙ୍କୁ ମନଇଛା ଦରମା ଦେବା ସହ ଦୁଇ ମାସରେ ଥରେ ଦରମା ଦେଉଥିବାର ଅଭିଯୋଗ ହୋଇଛି । ଫଳରେ ଏହି ସଂସ୍ଥା ଅଧିନରେ କାମ କରୁଥିବା କର୍ମଚାରୀ ମାନେ ନାହିଁ ନଥିବା ସମସ୍ୟା ଦେଇ ଗତି କରୁଥିବା ଜଣାପଡିଛି । ଏହି ସିକ୍ୟୁରିଟୀ ସଂସ୍ଥାର ନାମ ଓରିଏଂଟାଲ ସିକ୍ୟୁରୀଟି ସର୍ଭିସ । ଏହା ଭୁବନେଶ୍ୱର ଠାରେ ରାଜ୍ୟ ହାଉସିଂ ବୋର୍ଡରେ ନିଜର ସିକ୍ୟୁରୀଟି ସର୍ଭିସ ଦେଇଛି । ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ହାଉସିଂ ବୋର୍ଡର ଅଫିସରେ ଏହାର ଶତାଧିକ ସିକ୍ୟୁରୀଟି ଗାର୍ଡ କାମ କରନ୍ତି । ରାଉରକେଲାରେ ମଧ୍ୟ କିଛି କର୍ମଚାରୀ କାମ କରୁଛନ୍ତି । ତେବେ କାମ କରୁଥିବା ଗାର୍ଡ ମାନେ ଦୁଇ ମାସରେ ଥରେ ଦରମା ପାଉଥିବା ବେଳେ ଏମାନଙ୍କୁ ଇଏସଆଇ, ଭବିଷ୍ୟନିଧିର ସୁବିଧା ଦିଆଯାଇନାହିଁ । ଏହା ଛଡା ଏମାନଙ୍କ ଦରମା ମାତ୍ର ୮,୫୦୦ । ଏହି ସଂସ୍ଥା ହାଉସିଂ ବୋର୍ଡ ଠାରୁ ଗାର୍ଡ ପିଛା ୧୬ ହଜାର ନେଉଥିବା କୁହାଯାଉଥିବା ବେଳେ ଗାର୍ଡ ମାନଙ୍କୁ ମାତ୍ର ଅଧା ଟଙ୍କା ଦରମା ଦେଇ ଠକୁଥିବା ଅଭିଯୋଗ ହୋଇଛି । ଆଜିର ଦୁନିଆରେ ଘରଭଡା ଦେଇ ଚାଉଳ, ରାସନ ପରିବା କିଣି ଜଣେ ଲୋକ ମାତ୍ର ଏତିକି ଟଙ୍କାରେ କିଭଳି ଚଳୁଥିବା ତାହା ନିଶ୍ଚୟ ଚିନ୍ତାର ବିଷୟ । ରାଜ୍ୟ ସରକାରଙ୍କ ଶ୍ରମ ଆଇନକୁ ଏହି ସଂସ୍ଥା ଖୋଦ କ୍ୟାପିଟାଲରୁ ଆଖିଠାର ମାରି ଖୋଲା ଖୋଲି ଉଲ୍ଲଂଘନ କରୁଥିଲେ ମଧ୍ୟ ରାଜ୍ୟ ଶ୍ରମ ବିଭାଗ ନିରବ ।

## ଓପିଏସ୍ ରଥକୁ ସ୍ୱାଗତ ପାଇଁ ଶିକ୍ଷକ ସଂଘର ପ୍ରସ୍ତୁତି

ସୁବର୍ଣ୍ଣପୁର, ୨୮/୦୮ (ନି.ପ୍ର): ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ପୁରୁଣା ପେନସନ ଲାଗୁ ପାଇଁ ଏକ ସଚେତନତା ରଥ ସାରା ଦେଶ ପରିକ୍ରମକ୍ଷ କରିବାର ପରିପେକ୍ଷୀରେ ଆଜି ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନର ରାଜ୍ୟ ଉପ ସଭାନେତ୍ରୀ ଶ୍ରୀମତୀ ଅନିତା ମେହେରଙ୍କ ସଭାପତିତ୍ୱରେ ସୁବର୍ଣ୍ଣପୁର ସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରଥକୁ ସ୍ୱାଗତ କରିବା ପାଇଁ ବୌଦ୍ଧ ଜିଲ୍ଲା, ସୋନପୁର ଜିଲ୍ଲା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକ ନେତା ଯୋଗ ଦେଇଥିଲେ । ମାର୍ଗ ଦର୍ଶକ ଭାବେ ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ବୈଦ୍ୟନାଥ କର୍ଣ୍ଣ, ଶିକ୍ଷକ ନେତା ପ୍ରଦୀପ ପୁରୋହିତ ଓ ଅତିରିକ୍ତ ତରଭା ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ଶିକ୍ଷକ ସଂଘ ସଭାପତି ଦାମୋଦର ପଣ୍ଡା ଯୋଗ ଦେଇ ଓପିଏସ ରଥକୁ ଭବ୍ୟ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏନୟୁପିଏସ ଉଚ୍ଛେଦ ପାଇଁ ଦୁର୍ବକ୍ଷର ଆନ୍ଦୋଳନ ପାଇଁ ପରାମର୍ଶ ଦେଇ ଶିକ୍ଷକମାନଙ୍କ ନାର୍ଯ୍ୟ ଦାବୀ କୁ ଦୃଢ଼ ସମର୍ଥନ କରିଥିଲେ କ୍ଷ ଆଗାମୀ ସେପ୍ଟେମ୍ବର ୨୦ ତାରିଖ ସାନ୍ଧ୍ୟକ୍ଷ ରେ ସୁବର୍ଣ୍ଣପୁର ଜିଲ୍ଲାକୁ ପହଂଚି ତା ପର ଦିନ ବରଗଡ଼ ଜିଲ୍ଲା ଅଭିମୁଖେ ଏହା ଯାତ୍ରା କରିବ ବୋଲି ସୂଚନା ମିଳିଛି । ଏଥିପାଇଁ ୧୨ ଜଣିଆ କୋର କମିଟି ଗଠନ ହୋଇ ଥିବାବେଳେ ଏହାକୁ ସଫଳ କରିବା ପାଇଁ ସଂକଳ୍ପ ନିଅକ୍ଷ ଯାଇଛି । ଶିକ୍ଷକ ନେତା ଦିଲ୍ଲୀପ ମିଶ୍ର ସ୍ୱାଗତ ଜଣାଇ ଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ପରମାଣିକ ଧନ୍ୟ ବାଦ ଅର୍ପଣ କରିଥିଲେ । ଶିକ୍ଷକ ନେତା ରଞ୍ଜୁ ଅମାତ, ଶଙ୍କର ପୂଜାରୀ, ସୁଦାମ ବିଶି, ସତ୍ୟ ନାଏକ, ଗୌତମ ମେଣ୍ଡଲୀ, ଭାଗ୍ୟ ଶିନୀ ମିଶ୍ର, ରମାକାନ୍ତ ମିଶ୍ର, ପ୍ରମୁଖ ନିଜ ର ମତ ରଖିଥିଲେ । ଗିରୀଶ ତ୍ରିପାଠୀ, ଶ୍ୟାମ ସୁନ୍ଦର ପାତ୍ର ସଭା ସଂଯୋଜନା କରିଥିଲେ ।


## ବିଜ୍ଞପ୍ତି

ନିମ୍ନଲିଖିତ ତିନୋଟି ମାନେଡ୍ ଇଂ. ରୁପ୍ସା-ବାଙ୍ଗିରିପୋସି ବିଭାଗରେ ଲେଭଲ୍ କ୍ରସିଂ ସବୁଦିନ ପାଇଁ ବନ୍ଦ ରହିବ **୧୫.୦୯.୨୦୨୩ ରୁ ପ୍ରଭାବ ସହିତ।**

| Sl. No. | L.C. No. | ଅବସ୍ଥାନ | ଶ୍ରେଣୀ | ବିଭାଗ |
|---|---|---|---|---|
| ୧. | ୧୨ | ୧୮/୦୮-୦୯ | ସ୍ପେଶାଲ | ରୁପ୍ସା-ବାଙ୍ଗିରିପୋସି |
| ୨. | ୪୧ | ୫୬/୦୬-୦୭ | ସି | ରୁପ୍ସା-ବାଙ୍ଗିରିପୋସି |
| ୩. | ୫୭ | ୭୪/୦୨-୦୩ | ଏ | ରୁପ୍ସା-ବାଙ୍ଗିରିପୋସି |

(PR-554) ବିଭାଗୀୟ ରେଳ ପରିଚାଳକ / ଇଂ., ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହସି ହସି ଆପଣଙ୍କ ସେବାରେ


## ଅଧ୍ୟାପକ ଭକ୍ତ କିଶୋର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୨୮/୦୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଶିକ୍ଷା ଅଧ୍ୟାପକ ସ୍ୱର୍ଗତ ଭକ୍ତ କିଶୋର ମହାନ୍ତିଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ପାଳନ ଅବସରରେ ଏକ ସ୍ମୃତିସଭା ରବିବାର ଦିନ ଆଳନ୍ଦା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନତାନ ବେହେରା ଅଧ୍ୟକ୍ଷତା କରିଥିଲେ । ସଙ୍ଗଠନର ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଦିବଙ୍ଗତ ଅଧ୍ୟାପକଙ୍କ ଜିବନୀ ଉପରେ ଆଲୋକପାତ କରି ସେ ଜଣେ ଅନୁଷ୍ଠାନ ପ୍ରେମୀ ଓ ଛାତ୍ରବତ୍ସଳ ଅଧ୍ୟାପକ ଥିବା ନେଇ ପ୍ରକାଶ କରିଥିଲେ । ରଘୁନାଥ ପତ୍ରି,ଡା ହରେକୃଷ୍ଣ ରାଉତ, ଚିନ୍ତାମଣି ସାହାଣୀ,ବୁଦ୍ଧିରାମ ପାଣିଗ୍ରାହୀ, ଶଶିକାନ୍ତ ଦାସ,ବସନ୍ତ କୁମାର ଖିଲାର ପ୍ରମୁଖ ଅଧ୍ୟାପକଙ୍କ ବିଭିନ୍ନ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କଂଗ୍ରେସରେ ଯୋଗ ଦେବେ...

ଏହି ଅଞ୍ଚଳର ପିଲାମାନେ ପାଠପଢ଼ା ଛାଡ଼ି କାମ ଧନ୍ଦା ପାଇଁ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି । ଏମିତି ଅନେକ ସମସ୍ୟା ରହିଛି । ଏହି ଅଞ୍ଚଳର ବିକାଶ ଓ ଲୋକଙ୍କ ସେବା କରିବା ପାଇଁ ମୁଁ ଲକ୍ଷ୍ୟ ରଖିଛି । ସେଥିପାଇଁ ଚାକିରି ଛାଡ଼ି ଚାଲିଆସିଛି । ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ୍ ଲୁଲକିଡ଼ିହି ଗାଁର ପ୍ରବୋଧ ଦେଶ ପାଇଁ ଅନେକ ନାଁ କରିଛନ୍ତି । ୧୯୮୪ ମସିହା ଅକ୍ଟୋବର ୬ରେ ସେ ଜନ୍ମ ହୋଇଥିଲେ । ସେ ଭାରତୀୟ ହକି ଦଳର ଅଧିନାୟକ ହୋଇପାରିଥିଲେ । ତା' ପୂର୍ବରୁ ସେ ଜାତୀୟ ସବ୍-ଜୁନିୟର, ଜୁନିୟର ଓ 'ଏ' ଟିମ୍‌ର ମଧ୍ୟ ଅଧିନାୟକ ହୋଇଥିଲେ । ୨୦୦୭ରେ ଚେନ୍ନାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା । ସେତେବେଳେ ପ୍ରବୋଧ ଦଳର ଅଧିନାୟକ ଥିଲେ । ପ୍ରବୋଧ ୧୬୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ସେ ୨୦୦୧ରେ ଏକଲବ୍ୟ ପୁରସ୍କାର ପାଇଥିବା ବେଳେ ୨୦୦୯ରେ ବିଜୁ ପଟ୍ଟନାୟକ ରାଜ୍ୟ କ୍ରୀଡ଼ା ପୁରସ୍କାର ପାଇଥିଲେ । ୩୮ ବର୍ଷୀୟ ପ୍ରବୋଧ ଗତ ଜୁଲାଇ ମାସରେ ଚାକିରିରୁ ଇସ୍ତଫା ଦେଇ ଦେଇଥିଲେ । ସେ ୨୦୨୪ ନିର୍ବାଚନରେ ତଳସରାରୁ କଂଗ୍ରେସର ପ୍ରାର୍ଥୀ ହେବାକୁ ଆଗ୍ରହୀ ଅଛନ୍ତି । ତଳସରାକୁ କଂଗ୍ରେସର ଗଡ଼ କୁହାଯାଏ । ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ଏହି ଆସନ କଂଗ୍ରେସ ହାତରେ ରହିଥିଲା । ୧୯୭୪, ୧୯୮୦ ଓ ୧୯୮୫ରେ ବି ଏଠାରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ । ତେବେ ୨୦୧୯ ନିର୍ବାଚନରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ ମାଝୀ ହାରି ଯାଇଥିଲେ । ବିଜେପି ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ଏହି ଆସନରୁ ବିଜୟୀ ହୋଇଥିଲେ ।

## ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ...

ଖୋର୍ଦ୍ଧା ଜିଲ୍ଲାରୁ ଚିହ୍ନଟ ହୋଇଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭୁବନେଶ୍ୱରର । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁରେ ଅତିବେଶୀରେ ମାତ୍ର ୫% ଲୋକ ଗୁରୁତର ହେଉଛନ୍ତି । ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଉପରୁ ବୋଝ କମାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଟି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡେଙ୍ଗୁ ରୋଗୀଙ୍କ ପାଇଁ ୧୦ଟି ଲେଖାଏଁ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଥିଲା । ସେହିପରି କ୍ୟାପିଟାଲ ହସ୍ପିଟାଲରେ ଟେଷ୍ଟିଂ ପାଇଁ ଗହଳି ହେଉଥିବାରୁ ସେଠାରେ ଡେଙ୍ଗୁ ଟେଷ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବା କେନ୍ଦ୍ର କରାଯାଇଛି । ଅଧିକ ମ୍ୟାନ୍ ପାୱାର ମଧ୍ୟ ନିୟୋଜିତ ହୋଇଛନ୍ତି । ଆଉ ଆଜିଠାରୁ ପଟିଆ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଇଆରସି ଭିଲେଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଙ୍ଗୁ ଟେଷ୍ଟିଂ ବ୍ୟବସ୍ଥା ଆରମ୍ଭ ହୋଇଛି । ଲୋକମାନେ ଗୋଟିଏ ଜାଗାରେ ଗହଳି ନ କରି ଏହି ହସ୍ପିଟାଲ୍‌କୁ ଯିବାକୁ ଅନୁରୋଧ କରିଛି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ । ପଟିଆ ଉଏଚଉର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅସୀମ ମହାନ୍ତି କହିଛନ୍ତି, ଏଠାରେ ଡେଙ୍ଗୁ ଟେଷ୍ଟ ଆରମ୍ଭ ହୋଇଥିବାରୁ କ୍ୟାପିଟାଲ ହସ୍‌ପିଟାଲ୍ ଉପରୁ ବୋଝ କମିବ । ସ୍ଥାନୀୟ ଲୋକ ଏଠାରେ ଡେଙ୍ଗୁ ଟେଷ୍ଟ କରିବା ସହ ସୁବିଧାରେ ରିପୋର୍ଟ ପାଇପାରିବେ ।

## ବିଶ୍ୱ ଆଥଲେଟ....

ସ୍ୱର୍ଣ୍ଣ ପାଇଁ ଥିବା ଖାଲିସ୍ଥାନ ଏବେ ପୂରଣ ହୋଇଯାଇଛି । ଏଥିପୂର୍ବରୁ ଗତବର୍ଷ ରୌପ୍ୟ ଓ ୨୦୧୭ରେ ୧୫ତମ ସ୍ଥାନରେ ରହିଥିଲା ବେଳେ ସ୍ୱର୍ଣ୍ଣ ସ୍ୱପ୍ନ ସାକାର ହୋଇଛି । ଓଡ଼ିଆ ଜାଭଲିନ୍ ଥ୍ରୋୟର କିଶୋର କୁମାର ଜେନା ପଦକ ପାଇନଥିଲେ ମଧ୍ୟ ନିରାଶ କରିନାହାନ୍ତି । ଦମ୍‌ଦାର ପ୍ରଦର୍ଶନ ସହ ପଞ୍ଚମ ପ୍ରୟାସରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ (୮୪.୭୭ ମିଟର) ଦେଇ କିଶୋର ପଞ୍ଚମ ସ୍ଥାନରେ ରହିଥିଲା ବେଳେ ଡିପି ମନୁ ୮୪.୧୪ ମିଟରରେ ତାଙ୍କ ତଳକୁ ରହି ଅଭିଯାନ ଶେଷ କରିଥିଲେ । ଅଭିଯାନ ଶେଷ କରିଥିଲେ । ଅର୍ଶଦ ତାଙ୍କ ୬ଟି ପ୍ରସାୟରେ ଯଥାକ୍ରମେ ୭୪.୮୦ ମିଟର, ୮୨.୮୧ ମିଟର, ୮୭.୮୨ ମିଟର, ୮୭.୧୫ ମିଟର, ଫାଉଲ୍ ଓ ୮୧.୮୬ ମିଟର ପ୍ରଦର୍ଶନ ଦେଇଥିଲେ । ଇଭେଣ୍ଟ ଆରମ୍ଭରୁ ସମସ୍ତ ଭାରତୀୟଙ୍କ ନଜର ନୀରଜ, ମନୁ ଓ କିଶୋରଙ୍କ ଉପରେ ରହିଥିଲା । ଚତୁର୍ଥ ସ୍ଥାନରେ ଜାଭଲିନ୍ ଫିଙ୍ଗିବା ପାଇଁ ନୀରଜ ଆସିଥିଲା ବେଳେ ପ୍ରଥମ ପ୍ରୟାସ ଫାଉଲ ହୋଇଥିଲା । ମନୁ ୭୮.୪୪ ମିଟର ଓ କିଶୋର ୭୫.୭୦ ମିଟରରୁ ଅଭିଯାନ ଆରମ୍ଭ କରିଥିଲେ । ଦ୍ୱିତୀୟ ପ୍ରୟାସରେ ନୀରଜ ସତର୍କତାର ସହ ଆତ୍ମବିଶ୍ୱାସ ଭରା ଜାଭଲିନ୍ ଫିଙ୍ଗିଥିଲେ । ଏହି ପ୍ରୟାସରେ ସେ ୮୮.୧୭ ମିଟର ଫିଙ୍ଗି ସ୍ୱର୍ଣ୍ଣ ନିଶ୍ଚିତ କରିଥିଲେ । ମନୁ କିନ୍ତୁ ଫାଉଲ୍ ସହ ନିରାଶ କରିଥିଲେ । କିଶୋର ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣି ୮୨.୮୨ ମିଟରରେ ଦ୍ୱିତୀୟ ରାଉଣ୍ଡ ଶେଷ କରିଥିଲେ । ତୃତୀୟ ରାଉଣ୍ଡରେ ନୀରଜ ୮୬.୩୨ ମିଟର, ମନୁ ୮୩.୭୨ ମିଟର ଫିଙ୍ଗିବା ବେଳେ କିଶୋରଙ୍କ ଥ୍ରୋ ଫାଉଲ୍ ହୋଇଥିଲା । ତଥାପି ଦ୍ୱିତୀୟ ରାଉଣ୍ଡ ମାର୍କ ପାଇଁ ତିନି ଭାରତୀୟ ଶେଷ ୮ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ।

## କିଶୋର ଜେନାଙ୍କ...

ଅସାଧାରଣ ପ୍ରଦର୍ଶନ ଆମ ରାଜ୍ୟ ଓ ଦେଶ ପାଇଁ କେବଳ ଗୌରବ ଆଣି ଦେଇ ନାହିଁ, ଆଗାମୀ ବର୍ଷଗୁଡ଼ିକରେ ଏହା ଅନେକ ଆଥଲେଟ୍‌ସଙ୍କୁ ପ୍ରେରଣା ଯୋଗାଇବ । ସୂଚନାଯୋଗ୍ୟ, ଗତକାଲି ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ଜାଭଲିନ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଭାରତର ଗୋଲଡ୍ଡେନ୍ ବୟ ନୀରଜ ଚୋପ୍ରା ।

## ପଦ୍ମଶ୍ରୀ ଡକ୍ଟର ଜୟନ୍ତ...

କଟକ ମହାନଗର ନିଗମର ମେୟର ସୁବାସ ସିଂହ, ଜିଲ୍ଲାପାଳ ଭବାନୀଶଙ୍କର ଚଇନି, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ସାହିତ୍ୟିକ ଅମରେଶ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, କଟକ ବଡ଼ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରାତି ୯ଟାରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ଡ. ମହାପାତ୍ର କିଛି ଦିନ ହେଲା ଅସୁସ୍ଥ ଥିଲେ । ଜ୍ୱରରେ ପଡ଼ିବା ସହ ତାଙ୍କ ହୃତ୍ସ୍ପନ୍ଦନରେ ସମସ୍ୟା ଦେଖାଦେଇଥିଲା । ଘରେ ରହି ସେ ଚିକିତ୍ସିତ ହେଉଥିଲେ । ହୃଦରୋଗ ବିଶେଷଜ୍ଞ ପ୍ରଫେସର୍ ଡାକ୍ତର ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଏହି ଟିମ୍ ଡ. ମହାପାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଗତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା । ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଗଭୀର ଶୋକପ୍ରକାଶ ପାଇଛି । ତାଙ୍କ ବିୟୋଗରେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା ସାହିତ୍ୟରେ ଏକ ଯୁଗର ଅନ୍ତ ଘଟିଛି । ନିମୋନିଆରେ ଆକ୍ରାନ୍ତ ହେବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଅଗଷ୍ଟ ୪ ତାରିଖରେ ଭର୍ତ୍ତି କରାଯାଇଥିଲା । ୨୬ ତାରିଖ ରାତି ୯ଟାରେ ତାଙ୍କୁ ଭେଣ୍ଟିଲେଟରକୁ ନିଆଯାଇଥିଲା । କିନ୍ତୁ ରବିବାର ୨୭ ତାରିଖ ରାତି ୯ଟାରେ ତାଙ୍କର ହୃଦ୍ ?ଘାତରେ ପରଲୋକ ହୋଇଥିଲା । ବିଳମ୍ବିତ ରାତିରେ ତାଙ୍କ ମରଶରୀରକୁ କଟକ ତିନିକୋଣିଆ ବଗିଚାସ୍ଥିତ ବାସଭବନ 'ଚନ୍ଦ୍ରଭାଗା'କୁ ନିଆଯାଇଥିଲା । ସୋମବାର ତାଙ୍କ ଶେଷ ଇଚ୍ଛା ଅନୁସାରେ ମରଶରୀରକୁ ଦାହ କରାଯାଇଛି । ଡ. ମହାପାତ୍ର ୧୯୨୮ ଅକ୍ଟୋବର ୨୨ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିଲେ । ସେ କଟକସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ପାଠ ପଢ଼ିଥିଲେ । ବିହାରର ପାଟଣା ବିଶ୍ୱବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୪୯ ମସିହାଠାରୁ ରାଜ୍ୟ ସରକାରଙ୍କ ବିଭିନ୍ନ କଲେଜ (ସମ୍ବଲପୁରସ୍ଥିତ ଗଂଗାଧର ମେହେର କଲେଜ, ଭୁବନେଶ୍ୱରସ୍ଥିତ ବିଜେବି କଲେଜ, ବାଲେଶ୍ୱରସ୍ଥିତ ଫକୀର ମୋହନ କଲେଜ ଓ କଟକସ୍ଥିତ ରେଭେନ୍ସା କଲେଜ ଓ ଶୈଳବାଳା ମହିଳା କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଥିଲେ । ୧୯୮୬ ମସିହାରେ ସେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ଅବସର ନେଇଥିଲେ । ୧୯୬୦ ମସିହା ପରେ ସେ ଲେଖକୀୟ ଜୀବନ ଆରମ୍ଭ କରିଥିଲେ ।

## ମଦ ପିଇ ସ୍କୁଲ ଆସିଥିଲେ....

ଛାତ୍ରଛାତ୍ରୀମାନେ ଏନେଇ ଅଭିଭାବକଙ୍କୁ କହିଥିଲେ । ମଝିରେ ରବିବାର ଥିବାରୁ ସ୍କୁଲ ବନ୍ଦ ଥିଲା । ଆଜି ଅଭିବାବକମାନେ ସ୍କୁଲରେ ପହଞ୍ଚିଥିଲେ । ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ । ଦୁଇ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ । ଖବର ପାଇ ମୁରିବାହାଲ ବିଇଓ ଶାନ୍ତନୁ ପରିହାରି ସ୍କୁଲରେ ପହଞ୍ଚିଥିଲେ । ଗାଁ ଲୋକ ଓ ଅଭିଭାବକଙ୍କୁ ବୁଝାଇ ଥିଲେ । ହେଲେ ଅଭିଭାବକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ । ଦୁଇ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଶେଷରେ ପ୍ରଶାସନ ଗାଁ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଥିଲା । ସ୍କୁଲରେ ନୂଆ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ସ୍କୁଲରୁ ଖୋଲିଥିଲା ତାଲା । ସେପଟେ ଜୀବନ୍ୟାସ ମାଝୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ତାଙ୍କୁ ଚାକିରିରୁ ସସ୍‌ପେଣ୍ଡ କରାଯାଇଛି । ସହକାରୀ ଶିକ୍ଷକ ଅଶୋକ ଦୀପଙ୍କୁ କାରଣ ଦର୍ଶା ନୋଟିସ୍ କରାଯାଇଛି ।

## ୨୦୨୪ ପାଇଁ ....

ଦଳରେ ଥିବା ସାଂସଦମାନଙ୍କ ଟିକେଟ କାଟିବାଠାରୁ ଆରମ୍ଭ କରି ନୂଆ ଚେହେରାଙ୍କ ସୁଯୋଗ ଦେବା ପର୍ଯ୍ୟନ୍ତ ସବୁ ଦିଗରେ ଚାଲିଛି ମାନସମନ୍ଥନ । ଚର୍ଚ୍ଚା ହେଉଛି ଏଥରକ ନିର୍ବାଚନରେ- ଦେଶରେ ୬୫%ରୁ ଅଧିକ ଲୋକ ଯୁବ ବର୍ଗର । ତେଣୁ ବିଜେପି ସେମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଚାହୁଁଛି । ତେଣୁ ସମସ୍ତଙ୍କୁ ସୁଯୋଗ ଦେବାକୁ ଯାଇ ଏଣିକି ୨ରୁ ୩ଥରରୁ ଅଧିକ ଲୋକସଭା ପ୍ରତିନିଧିତ୍ୱ ଉପରେ ରୋକ ଲଗାଇବାକୁ ଚାହୁଁଛି । ବିଜେପିର ସବୁଠୁ ଅଧିକ ସାଂସଦଙ୍କ ବୟସ ୬୦ରୁ ୮୦ବର୍ଷ ମଧ୍ୟରେ ରହିଛି । ୮୦ରୁ ୯୦ବର୍ଷ ବୟସର ଦୁଇଜଣ ସାଂସଦ, ୭୦ରୁ ୮୦ବର୍ଷ ବୟସର ୪୧ଜଣ । ୬୦ରୁ ୭୦ ବର୍ଷ ବୟସର ୧୧୦ଜଣ । ୫୦ରୁ ୬୦ବର୍ଷ ବୟସର ୧୦୨ଜଣ । ୪୦ରୁ ୫୦ବର୍ଷ ବୟସର ୪୭ ଜଣ । ୩୦ରୁ ୪୦ବର୍ଷ ବୟସର ୧୩ଜଣ ସାଂସଦ ରହିଛନ୍ତି । ଲୋକସଭାରେ ବିଜେପିର ୧୩୭ଜଣ ସଦସ୍ୟ ପ୍ରଥମ ଥର ଓ ୯୭ଜଣ ଦ୍ୱିତୀୟ ଥର ପାଇଁ ଜିତିଛନ୍ତି । କେବଳ ବୟସ କିମ୍ବା ସଂଖ୍ୟାକୁ ବିଜେପି ଫୋକସ କରୁନି ବଂର ସେମାନଙ୍କ ଜ୍ଞାନ ଓ ପ୍ରତିଭାକୁ ମଧ୍ୟ ଦଳ ଗୁରୁତ୍ୱ ଦେଉଛି । ତେଣୁ ରାଜ୍ୟସଭାରେ ୮୦% ଏଭଳି ସଦସ୍ୟଙ୍କୁ ପଠାଇବାକୁ ଯୋଜନା କରାଯାଉଛି ଯେଉଁମାନଙ୍କ ନିକଟରେ ଆଇନ,ଚିକିତ୍ସା,ବିଜ୍ଞାନ, କଳା, ଆର୍ଥିକ, କୌଶଳ, ପରିବେଶ,ଭାଷାରେ ବିଶେଷ ଜ୍ଞାନ ରହିଛି ।

ମଙ୍ଗଳବାର, ଅଗଷ୍ଟ ୨୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୀଳଗିରି ସରକାରୀ ଶିକ୍ଷାନୁଷ୍ଠାନରେ କାମ କରୁନି ନିୟମ: ପ୍ରହସନ ପାଲଟିଛି ଦଣ୍ଡମକ୍ତ ଅଞ୍ଚଳ



ନୀଳଗିରି , ୨୮/୦୮ (ନି.ପ୍ର): ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବାପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କୋମଳମତି ଶିଶୁ ମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ବିଦ୍ୟାଳୟ ଗୁଡ଼ିକୁ ଦଣ୍ଡମୁକ୍ତ ଘୋଷଣା କରିଛନ୍ତି। ଫଳରେ ଛାତ୍ରଛାତ୍ରୀ ମାନେ ଭୟମୁକ୍ତ ହୋଇ ପାଠ ପ୍ରତି ଆଗ୍ରହ ସୃଷ୍ଟି ହେବ। ଏଥିସହ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନେ ଉଭୟ ପରସ୍ପର ପ୍ରତି ଭଲ ପାଇବେ। କିନ୍ତୁ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ମଧୁପୁରିଆ ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ମୁଖୀ ସମସ୍ତ ସରକାରୀ ନୀତିନିୟମକୁ ଭୃକ୍ଷେପ ନକରି ପଞ୍ଚମ ଶ୍ରେଣୀରେ ପଢୁଥିବା କିଛି ଆଦିବାସୀ ଛାତ୍ରଙ୍କୁ ଏଭଳି ଅମାନୁଷିକ ଭାବରେ ମାଡ଼ମାରି ଲହୁଲୁହାଣ କରିଛନ୍ତି ଯାହା ବର୍ବରତାର ସମସ୍ତ ସୀମା ଲଂଘନ କରିଛି। ଏନେଇ ଅଭିଭାବକଙ୍କ ମାନଙ୍କ ମଧ୍ୟରେ ଗଭୀର ଆଘାତ ଲାଗିଛି। ତେଣୁ ସେମାନେ ଆଜି (ସୋମବାର) ନୀଳଗିରି ଉପଖଣ୍ଡ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କ ଠାରେ ଅଭିଯୋଗ କରି ତୁରନ୍ତ ଶିକ୍ଷକ ଜଣଙ୍କୁ ସ୍କୁଲରୁ ବିତାଡିତ କରି ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି କରିବାକୁ ଦାବିକରିଛନ୍ତି। ତେବେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏବିଷୟରେ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ବାଧହୋଇ ବିଇଓ ଙ୍କ ଠାରେ ଅଭିଯୋଗ କରିଥିବା ନେଇ ଗ୍ରାମର ମିର୍ଜା ସରେନ, ରାମହରି ମାରାଣ୍ଡି, ନବକିଶୋର କିସ୍କୁ, ରୁହ୍ୟା ଟୁଡୁ, ଚନ୍ଦନ କୁମାର କିସ୍କୁ, ପାଣ୍ଡବ ସୋରେନ, ବନମାଳୀ ହେମ୍ବ୍ରମ, ଗିରିଶ ବାସ୍କେ, ଗୁରୁବା ମାର୍ଣ୍ଡୀ ପ୍ରମୁଖ ଉପସ୍ଥିତ ରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି।

# ଆନ୍ତଃ ଲେଡିଜ୍ କ୍ଲବ୍ ପ୍ରତିଯୋଗିତା ମାନନୀୟା-୨ ଜ୍ୟୋତି ଲେଡିଜ୍ କ୍ଲବ୍ ଇଫକୋର ସଫଳତା



ପାରାଦୀପ, ୨୮/୦୮ (ନି.ପ୍ର): ପାରାଦୀପ ଜୟଦେବ ସଦନ ପରିସରରେ ଆନ୍ତଃ ଲେଡିଜ୍ କ୍ଲବ୍ ସାଂସ୍କୃତିକ ପ୍ରତିଯୋଗିତା ମାନନୀୟା-୨ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ପାରାଦୀପ ଲେଡିଜ୍ କ୍ଲବ୍ ଓ ଡ.ଅରବିନ୍ଦ ନାୟକ ମିଳିତ ଭାବେ ଆୟୋଜନ କରିଥିଲେ । ପାରାଦୀପ ଲେଡିଜ୍ କ୍ଲବ୍, ଜ୍ୟୋତି ଲେଡିଜ୍ କ୍ଲବ୍, ଇଫକୋ, ଉକ୍ରଳ ଜ୍ୟୋତି ଲେଡିଜ୍ କ୍ଲବ୍, ଆଇଓସିଏଲ୍, ପିପିଏଲ୍ ଲେଡିଜ୍ କ୍ଲବ୍ ଓ ତଟରକ୍ଷିକା,କୋଷ୍ଟଗାର୍ଡ ଲେଡିଜ୍ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆନ୍ତଃ କ୍ଲବ୍ ରୋଷେଇ ଓ ଅନ୍ତାକ୍ଷରୀ ଭଳି ଦୁଇ ଗୋଟି ପ୍ରତିଯୋଗିତାରେ ସଫଳତାର ସହ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ । ଜ୍ୟୋତି ଲେଡିଜ୍ କ୍ଲବ୍, ଇଫକୋର ବିଜେତାମାନେ ମୁଖ୍ୟଅତିଥି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୁଣି କୋଟାରେ ଛାତ୍ରଙ୍କ ଆତ୍ମହତ୍ୟା : ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ୨ ଛାତ୍ରଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ,୨୮/୦୮ :ରାଜସ୍ଥାନ କୋଟାରେ ୨ ଛାତ୍ରଙ୍କ ଆତ୍ମହତ୍ୟା । ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ୨ ଛାତ୍ରଙ୍କ ଆତ୍ମହତ୍ୟା । କୋଚିଂ ସେଣ୍ଟରର ୬ମହଲା କୋଠାରୁ ଡେଇଁ ଜଣଙ୍କ ଆତ୍ମହତ୍ୟା । ସେହିପରି ବେକରେ ରଶି ଦେଇ ଅନ୍ୟ ଜଣେ ଛାତ୍ର ଝୁଲି ପଡିଛନ୍ତି । ୨ଛାତ୍ରଙ୍କ ଘର ମହାରାଷ୍ଟ୍ର ଓ ବିହାରରେ ବୋଲି ଜଣାପଡିଛି । ଜାନୁଆରୀରୁ ଅଗଷ୍ଟ ସୁଦ୍ଧା ୨୨ ଛାତ୍ର ଆତ୍ମହତ୍ୟା କଲେଣି । ପ୍ରଥମେ ଆତ୍ମହତ୍ୟା କରିଥିବା ୧୬ ବର୍ଷୀୟ ବାଳକ ଥିଲେ ମହାରାଷ୍ଟ୍ରର ବାସିନ୍ଦା । ବିଜ୍ଞାନ ନଗର ଅଞ୍ଚଳରେ ଥିବା ତାଙ୍କ କୋଚିଙ୍ଗ୍ ପ୍ରତିଷ୍ଠାନର ୬ଷ୍ଠ ମହଲାରୁ ସେ ତଳକୁ ଡେଇଁ ପ୍ରାଣ ହରାଇଛନ୍ତି । କୋଚିଙ୍ଗ୍ ପ୍ରତିଷ୍ଠାନରେ ଅପରାହ୍ଣରେ ଅନୁଷ୍ଠିତ ସାପ୍ତାହିକ ପରୀକ୍ଷା ଦେବା ପରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି । ଏହାର ୬ଘଣ୍ଟା ପରେ ବିହାରରୁ ଆସି କୋଚିଙ୍ଗ୍ ନେଉଥିବା ଜଣେ ୧୮ ବର୍ଷୀୟ ତରୁଣ ନିଜ କୋଠରିରେ ଥିବା ସିଲିଂ ଫ୍ୟାନ୍‌ରେ ଫାଶୀ ଲଗାଇ ଜୀବନ ହାରିଛନ୍ତି । କୁନାଡ଼ି ଥାନାର 'ଏସ୍‌ଏଚ୍‌ଓ' ଗଙ୍ଗା ସହାୟ ଶର୍ମା କହିଛନ୍ତି, କୁନାଡ଼ି ଅଞ୍ଚଳରେ ଥିବା ଏକ ଭଡ଼ା ଆପାର୍ଟମେଣ୍ଟରେ ତାଙ୍କ ଭଉଣୀ ଓ ସମ୍ପର୍କୀୟ ଭାଇଙ୍କ ସହିତ ସେ ରହୁଥିଲେ । ଥରକୁ ଥର କବାଟ ଠକ ଠକ କରିବା ସତ୍ତ୍ୱେ କବାଟ ନ ଖୋଲିବାରୁ ତାଙ୍କର ଭାଇଭଉଣୀ କବାଟ ଭାଙ୍ଗି ଦେଖିଲେ ସେ ପଙ୍ଖାରେ ଫାଶୀ ଦେଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଜୀବନ ହାରିଥିବା ୨ଛାତ୍ର 'ନିଟ୍' ପାଇଁ ପ୍ରସ୍ତୁତି କରୁଥିଲେ।

# ତିନସୁକିୟାରୁ ୫କୋଟିର ହେରୋଇନ୍ ଜବତ

ତିନସୁକିୟା, ୨୮/୦୮ : ଆସାମର ତିନସୁକିୟା ଜିଲ୍ଲାରୁ ରବିବାର ରାତିରେ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରାଯାଇଛି । କାକୋପଥାରରେ ପୋଲିସ ପକ୍ଷରୁ ତଲାସୀ ଅଭିଯାନ ସମୟରେ ହେରୋଇନ୍ ଜବତ କରାଯାଇଥିବା ବେଳେ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି ପୋଲିସ । ଜବତ ହୋଇଥିବା ମାଦକ ଦ୍ରବ୍ୟର ମୂଲ୍ୟ ପାଖାପାଖି ୫ କୋଟି ଟଙ୍କା ବୋଲି ଅନୁମାନ କରାଯାଉଛି । ଏଠାରେ ସୂଚନାଯୋଗ୍ୟ, ଏହି ସବୁ ମାଦକ ଦ୍ରବ୍ୟ ଏକ ସ୍ୱିଫ୍ଟ ଡିଜାୟାର ଗାଡିରେ ଡିମାପୁରରୁ କାକୋପଥାରକୁ ଚାଲାଣ କରାଯାଉଥିଲା । ତେବେ ଖବର ପାଇବା ପରେ ତିନସୁକିୟା ପୋଲିସ, କାକୋପଥାର ପୋଲିସ ସହଯୋଗରେ ଚେକିଂ ଚଳାଇଥିଲା । ଏବଂ ଚେକିଂ ସମୟରେ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରାଯାଇଛି ।

# ଭଦ୍ରକ ଜିଲ୍ଲା ଲେଖିକା ସଂସଦ ପକ୍ଷରୁ କବି ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୨୮/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ଲେଖିକା ସଂସଦ ଦ୍ୱାରା ଆୟୋଜିତ ସଭାରେ ବରେଣ୍ୟ କବି ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ତାଙ୍କର ଜୀବନୀ ଓ ସାରସ୍ୱତ କୃତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ୯୫ ବର୍ଷରେ ଗତକାଲି ପରଲୋକ ଗମନ କରିଥିବା କବି ଜୟନ୍ତ ମହାପାତ୍ରଙ୍କ ଅବର୍ତ୍ତମାନ ଯେ ଉଭୟ ବିଶ୍ୱସ୍ତରୀୟ ତଥା ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା। ତାଙ୍କ ତିରୋଧାନରେ ଏକ ଯୁଗର ଅବସାନ ଘଟିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଲେଖିକା ଝରଣା ପଟ୍ଟନାୟକ ସଭାପତିତ୍ୱ କରିବା ସହ, ଲେଖିକା ଡଃ ରାଧାରାଣୀ ମହାପାତ୍ର, କବି ଡଃ ପ୍ରଭାତ ନଳିନୀ ମହାପାତ୍ର, ଡଃ ସୁକାନ୍ତୀ ମହାପାତ୍ର, ଗୀତାରାଣୀ ଆଇଚ, ସରୋଜିନୀ ମହାପାତ୍ର, ପ୍ରଣତି ମଲ୍ଲିକ, ପ୍ରୀତିଲତା ପଣ୍ଡା, ସୁରଜିତା ନାୟକ, ପ୍ରେମଲତା ଦାଶ, ରଶ୍ମିରେଖା ପରମାଣିକ ପ୍ରମୁଖ ଉପସ୍ଥିତ ରହି କବିଙ୍କର ଅମର କୀର୍ତ୍ତି ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ଭଦ୍ରକ ଇନରହୁଇଲ କ୍ଲବର ସଦସ୍ୟାମାନେ ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ନୀଳଗିରିରେ ଝାଡ଼ଖଣ୍ଡ ହାତୀଙ୍କ ଆତଙ୍କରେ ନୀଳଗିରିବାସୀ



ନୀଳଗିରି , ୨୮/୦୮ (ନି.ପ୍ର): ନୀଳଗିରି ଏନଏସି ରେ ହାତୀ ଆତଙ୍କ। ଝାଡ଼ଖଣ୍ଡ ରୁ ଆସିଥିବା ଦୁଇଟି ଦନ୍ତା ହାତୀ ନୀଳଗିରି ବିଭିନ୍ନ ସ୍ଥାନରେ ବ୍ୟାପକ ଉପଦ୍ରବ ଚଳାଇଛନ୍ତି। ରବିବାର ମଧରାତ୍ରରେ ନୀଳଗିରି ଏନଏସି ଅଧିନ ୩ ନମ୍ବର ୱାର୍ଡ୍ ଚତୁରିସାହି ଗ୍ରାମରେ ଦୁଇଟି ଦନ୍ତା ପଶି ଘର ଭାଙ୍ଗିବା ସହ ଆତଙ୍କ ଚଳାଇ ଥିଲେ। ବିରେନ୍ଦ୍ର ସିଂଙ୍କ ଘର ଭାଙ୍ଗିବା ସହ ଭାତ ହାଣ୍ଡି, ଆସବାପତ୍ର ନଷ୍ଟ କରିଛନ୍ତି ।ଘର ଭିତରେ ପରିବାର ଶୋଇଥିବା ବେଳେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ସେହିପରି କାହ୍ନୁ ସିଂ ଙ୍କ ବାଡ଼ ଭାଙ୍ଗି ଆସବାପତ୍ର ନଷ୍ଟ କରିଛନ୍ତି। ମୋହନ ସିଂ ଙ୍କ ପରିବାର ମଧ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ରାତି ସାରା ଗାଁଲୋକେ ଉଜାଗର ହୋଇ ହାତୀଙ୍କ ପାଖରୁ ପରିବାରଙ୍କୁ ସୁରକ୍ଷା ଦେବାରେ ଲାଗି ପଡିଛନ୍ତି। ତେବେ ବନ ବିଭାଗ ଆସି ହାତୀ ଘଉଡ଼ାଇ ଥିବା ବେଳେ ଦୁଇଟି ହାତୀ କୁଳଡିହା ଅଭୟାରଣ୍ୟ ସୀମାନ୍ତ ଜଙ୍ଗଲରେ ରହିଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# କୋଲକାତା ବାଣ କାରଖାନାରେ ବିସ୍ଫୋରଣ ଘଟଣା: ଜଣେ ଗିରଫ

କୋଲକାତା, ୨୮/୦୮: କୋଲକାତାର ଉତ୍ତର ୨୪ ପ୍ରଗଣା ଦତ୍ତପୁକୁରରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୮ଜଣ ଲୋକଙ୍କ ମୃତ୍ୟୁ ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ହେଲେ ସଫିକ ଅଲ୍ଲୀ । ରବିବାର ବିଳମ୍ବିତ ରାତିରେ ନୀଳଗଞ୍ଜ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ବାଣ କାରଖାନାର ମାଲିକ କୟାମତ ଅଲ୍ଲୀର ପାର୍ଟନର ହେଉଛି ସଫିକ୍ । ତେବେ ୩ଜଣ ବ୍ୟକ୍ତି ମିଳିତ ଭାବେଏହି କାରଖାନା ଚଳାଉଥିବା ପ୍ରାଥମିକ ତଦନ୍ତ ସମୟରେ ସୂଚନା ମିଳିଛି । ସଫିକ୍ ଓ କୟାମତ ସହ ସମସୁଲ ମଧ ସାମିଲ ଥିଲା ଯିଏକି ତୃଣମୂଳ କଂଗ୍ରେସର ସ୍ଥାନୀୟ ନେତା । ଏହି ବାଣ କାରଖାନାରେ ବଡ ବଡ ବୋମା ତିଆରି କରାଯାଉଥିବା ଅଭିଯୋଗ ହୋଇଛି । ଏହି କାରଖାନାରୁ ପ୍ରତି ମାସରେ ପୋଲିସକୁ ବଡ ରକମର ଚାନ୍ଦା ଦିଆଯାଉଥିଲା । ତେଣୁ ପ୍ରଶାସନ ଆଖି ବନ୍ଦ କରିବସିଥିଲା । ତେବେ ବିସ୍ଫୋରଣ ପରେ ରବିବାର ସକାଳେ ଘଟଣାସ୍ଥଳରେ ରାଜ୍ୟପାଳ ପହଞ୍ଚିଥିଲେ । ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ହସ୍ପିଟାଲରେ ଆହତଙ୍କୁ ଭେଟିଥିଲେ ।

# ବାଇକ ଆମ୍ବୁଲାନ୍ସର ଲୋକାର୍ପଣ ଉତ୍ସବ




ଉଦଳା , ୨୮/୦୮ (ନି.ପ୍ର): ଉଦଳା ରୋଟାରି କ୍ଲବ ତରଫରୁ ଆଜି ଅଗଷ୍ଟ ୨୮ ତାରିଖ ସୋମବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ବାଇକ ଆମ୍ବୁଲାନ୍ସର ଲୋକାର୍ପଣ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଉଦଳା ରୋଟାରୀ କ୍ଲବର ପୂର୍ବତନ ସଂପାଦକ ସୁଦର୍ଶନ ପ୍ରଧାନ ମଂଚ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଉଦଳା ରୋଟାରୀ କ୍ଲବର ପୂର୍ବତନ ସଭାପତି ହରେନ ପଟ୍ଟନାୟକ ସମସ୍ତଙ୍କର ସହଯୋଗ ପାଇଁ ମାତ୍ର ୫ ବର୍ଷ ମଧ୍ୟରେ କ୍ଲବ କିପରି ସମଗ୍ର ଓଡ଼ିଶାରେ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ବର୍ତମାନର ସଭାପତି ମନୋରଂଜନ ପାଢ଼ୀ ଆଗାମୀ ଦିନରେ କ୍ଲବ ତରଫରୁ ହେବାକୁ ଥିବା ବିଭିନ୍ନ କାମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅତିଥି ଭାବରେ ଯୋଗ ଦେଇଥିବା ରୋଟାରି ଜିଲ୍ଲା ୩୨୬୨ର ପୂର୍ବତନ ଗଭର୍ଣ୍ଣର ପ୍ରଭୁଦତ ସୁବୁଦ୍ଧି, ବିଗତ ବର୍ଷର ଫାଷ୍ଟ ଲେଡ଼ି ମଂଜୁସା ସୁବୁଦ୍ଧି ଓ ଆଗାମୀ ବର୍ଷ ହେବାକୁ ଥିବା ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ଉଦଳା ରୋଟାରୀ କ୍ଲବର ପ୍ରଶଂସା ଯେତେ କଲେବି କମ୍ ହେବ ବୋଲି କହିବା ସହ ବାଇକ ଆମ୍ବୁଲାନ୍ସ ସେବା ସମଗ୍ର ଓଡ଼ିଶା ପାଇଁ ଉଦାହରଣ ସୃଷ୍ଟି କରିଛି ଓ ଏହା କ୍ଲବ ପାଇଁ ପାଇଲଟ ପ୍ରୋଜେକ୍ଟ ଅଟେ ବୋଲି ଜଣାଇଥିଲେ । ସେହିପରି ନିକଟରେ ଉଦଳାରେ ଏକ ଚକ୍ଷୁ ଚିକିତ୍ସାଳୟ ଖୋଲିବାର ଉଦ୍ୟମ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ । ଏହାପରେ ନିଜର ଶରୀର ଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପରିଚୟପତ୍ର ଓ ସ୍ୱେଚ୍ଛାସେବି ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଫିତାକାଟି ଅତିଥି ମାନେ ବାଇକ ଆମ୍ବୁଲାନ୍ସକୁ ଲୋକାର୍ପିତ କରିବା ପରେ କ୍ଲବର ପୂର୍ବତନ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅବଜବନ୍ଧୁ ବାରିକ, ପ୍ରହ୍ଲାଦ ଦାସ, ଶଚିଦାନନ୍ଦ ପରିଡ଼ା, ବ୍ରହ୍ମାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦୁଳମଣି ପୁହାଣ, ପ୍ରଦୀପ କୁମାର ମହାନ୍ତି, ମମତା ସାହୁ, ଜୟନ୍ତି ପଟ୍ଟନାୟକ, ସର୍ବେଶ୍ୱର ମହାପାତ୍ର, ଅରୁପମା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବୈଦିକ ଗୁରୁକୁଳଆଶ୍ରମରେ ବୃକ୍ଷରୋପଣ, ସାମାଜିକ ସଚେତନତା ଓ ସେବା କାର୍ଯ୍ୟକ୍ରମ



ବସ୍ତା୨୮.୮(ନିପ୍ର) ବ୍ଲକ୍ ଅନ୍ତର୍ଗତ ରୂପସା, ପିଙ୍ଗାବଣିଆ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ଓ ଦୋଳ ମିଳନ ପଡିଆରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପିଙ୍ଗାବଣିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୃକ୍ଷରୋପଣ, ଗୋମତା ସେବା, ବିଶ୍ୱ ଶାନ୍ତି ମହାଯଜ୍ଞ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗୁରୁକୁଳରେ ଗୁରୁକୁଳର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ପରିବେଶବିତ ସୁମନ୍ତ କୁମାର ଜେନା , ମୁଖ୍ୟ ବକ୍ତା ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ବରେଣ୍ୟ ଅତିଥିଭାବେ ସମୟ ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ୨୮ ଭକ୍ତ ଜୋନ ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠୀ, ସାମିଲ୍ ହସନପୁର ସରପଞ୍ଚ ଶ୍ରୀମତୀ ମାଳତୀ ପ୍ରଧାନ, ଅଭିନେତା ପୂର୍ଣ୍ଣଚନ୍ଦ୍ର ନାଏକ, ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ଦେ ଓ ମନୋରଞ୍ଜନ ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ମା ବିରଜା ସେବା ସଂଗଠନ ଯାଜପୁରର ସଭାପତି ଅଜୟ କୁମାର ଦାସ, ସାଇକ୍ରିଷ୍ଣା, ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ହଳଦୀପଦାର ସଭାପତି ମହେନ୍ଦ୍ର ସାହୁ ,ଭବାନୀ ଶଙ୍କର ନାୟକ , ମେ ଆଇ ହେଲପ୍ ଫର ୟୁ ଫାଉଣ୍ଡେସନର ସଭାପତି ଜଗନ୍ନାଥ ପରିଡ଼ା, ନିତ୍ୟାନନ୍ଦ ନାଏକ, ଆମ୍ଭ ଗଡ଼ିଆ ବିକାଶ ପରିଷଦ, ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ନେତାଜୀ କ୍ଲବର ସଭାପତି ଅବିନାଶ ବେହେରା ସଦଜ୍ଞାନ ସେବାଶ୍ରମ ର ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟିର ନଗେନ ବେହେରା ପ୍ରମୁଖ ଯୋଗଦାନ କରିଥିଲେ ଓ ଏହି ଅବସରରେ ମା ବିରଜା ସେବା ସଂଗଠନ ଓଡିଶା ତରଫରୁ ଗୁରୁକୂଳର ସଞ୍ଚାଳକ ବିଜୟଜୀ ଓ ଗୁରୁମା ପ୍ରମିଳାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବା ସହ ଗୁରୁକୂଳର ପିଲାମାନଙ୍କ ନିମନ୍ତେ ପାଠ୍ୟ ଉପକ୍ରମ, ଅନ୍ନ, ବସ୍ତ୍ର ଏବଂ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ପରିଶେଷରେ ଗୁରୁକୂଳର ପୃଷ୍ଠପୋଷକ ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ସାର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରସିଦ୍ଧ ଭଂଜପୁର ଜଗଦ୍ଧାତ୍ରୀ ମେଳା କମିଟିର ବୈଠକ

ବାରିପଦା , ୨୮/୦୮ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜ୍ଞାନେନ୍ଦ୍ର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଦର୍ପ ନାରାୟଣ ପାଲ, ଉପଦେଷ୍ଟା ସିଦ୍ଧେଶ୍ୱର ପାଣିଗ୍ରାହୀ, ସରୋଜ ଦାସ, ପ୍ରିୟନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ବିବରଣୀ ପାଠ କରିବା ପରେ ୭୧ ତମ ପୂଜା ତଥା ୨୯ ତମ ମେଳା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂଜା କମିଟି ଅଧ୍ୟକ୍ଷ ଭାବେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମେଳା କମିଟି ଅଧ୍ୟକ୍ଷ ଭାବରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ସମ୍ପାଦକ (ପୂଜା) କଳିଙ୍ଗ କେଶରୀ ଜେନା ଓ ଦିନେଶ ସାହୁ, ସମ୍ପାଦକ (ମେଳା) ପ୍ରସନ୍ନଜିତ ମହାନ୍ତି, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରିତମ ପଣ୍ଡା, ସମ୍ପାଦକ (ଷ୍ଟଲ) ସପନ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୁବ୍ରତ କୁମାର ଦାସ ଏବଂ ସଭ୍ୟ ଦେୟ ସଂଗ୍ରହ ଦାୟିତ୍ୱରେ ମନୋଜ ମହାନ୍ତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ବୋଲି ମିଡ଼ିଆ ସମ୍ପାଦକ ସୋମନାଥ ସିଂହ ଜଣାଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo